A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 90
Tuesday, 03 June 2025, Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର,୦୩ ଜୁନ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପରି ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସ୍ଥଗିତ ରହିଲା ନିଟ୍ ୟୁଜି ପରୀକ୍ଷା

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ):ଜୁନ ୧୫ରେ ହେବାକୁ ଥିବା NEET PG ପରୀକ୍ଷାକୁ ସ୍ଥଗିତ କରାଯାଇଛି । ସମଗ୍ର ଦେଶରେ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜିତ କରାଯିବା ନେଇ ସୁପ୍ରିମକୋର୍ଟଙ୍କ ଆଦେଶ ପରେ NBEMS(ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏଥିସହ NBEMS ପକ୍ଷରୁ ଶୀଘ୍ର ପରୀକ୍ଷାର ନୂତନ ତାରିଖ ଘୋଷଣା କରାଯିବ । ସୂଚନା ଅନୁଯାୟୀ, ପ୍ରଥମେ ଏହି ପରୀକ୍ଷା ଜୁନ ୧୫ରେ ହେବାର ଥିଲା । ଏଥିପାଇଁ ପରୀକ୍ଷା କେନ୍ଦ୍ରର ଚୟନ ବ୍ୟତୀତ ଅନ୍ୟ ସମସ୍ତ ପ୍ରସ୍ତୁତି ସରିଥିଲା । ଏହି ପରୀକ୍ଷା ଦୁଇଟି ସିଫ୍ଟରେ ଆୟୋଜନ ହେବାର ଥିଲା । ହେଲେ ସୁପ୍ରିମକୋର୍ଟ ପରୀକ୍ଷାର୍ଥୀଙ୍କ ପିଟିସନ ଉପରେ ଶୁଣାଣି କରି ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜିତ କରାଇବାକୁ ଆଦେଶ ଦେଇଥିଲେ । କୋର୍ଟଙ୍କ ଏହି ନିଷ୍ପତ୍ତିରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନକୁ ବଡ଼ ଝଟକା ଲାଗିଥିଲା । ପରୀକ୍ଷା ସ୍ଥଗିତ ନେଇ ମଙ୍ଗଳବାର ଘଣ୍ଟାଘଣ୍ଟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ, ସୁପ୍ରିମକୋର୍ଟ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜିତ କରିବାକୁ ଆଦେଶ ଦେଇଛନ୍ତି । ତେଣୁ ବୋର୍ଡକୁ ଅଧିକ ପରୀକ୍ଷା କେନ୍ଦ୍ରର ଆବଶ୍ୟକତା ରହିଛି । ଏହା ସହିତ ପରୀକ୍ଷା ସମ୍ବନ୍ଧିତ ଭିତ୍ତିଭୂମିର ବ୍ୟବସ୍ଥା କରିବାକୁ ପଡ଼ିବ । ଏଥିପାଇଁ ବର୍ତ୍ତମାନ ପରୀକ୍ଷାକୁ ସ୍ଥଗିତ କରାଯାଇଛି । ବୋର୍ଡ ଦ୍ୱାରା ଶୀଘ୍ର ସଂଶୋଧିତ ତାରିଖ ଘୋଷଣା କରାଯିବ । ସୂଚନାଯୋଗ୍ୟ, ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ NBEMS ପକ୍ଷରୁ ନିଟ୍ ପିଜି ପରୀକ୍ଷାକୁ ନେଇ ଜୁନ ୨ରେ ପରୀକ୍ଷା ସିଟି ସ୍ଲିପ ଜାରି କରାଯିବାର ଥିଲା । ହେଲେ ବିଳମ୍ବିତ ସନ୍ଧ୍ୟାରେ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ପରୀକ୍ଷା ସ୍ଥଗିତ ନେଇ ସୂଚନା ଦିଆଯାଇଛି ।

ମୌସୁମୀରେ ବିରାମ : ଅସହ୍ୟ କରୁଛି ତାତି

ଭୁବନେଶ୍ୱର,୦୨/୦୬(ଆ.ପ୍ର):ଓଡ଼ିଶା ଛୁଇଁ ମୌସୁମୀ ଗାଏବ୍ । ଆକାଶରେ ମେଘ ନାହିଁ, ଖରା ଟାଇଁ ଟାଇଁ । ଆଜି ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ପାଲଟିଛି ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର, ଆଉ ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ ସ୍ଥାନ । ଆସନ୍ତା ୫ଦିନ ଯାଏଁ ତାତିରୁ ନିସ୍ତାର ନାହିଁ ବୋଲି ଶୁଣାଇଲାଣି ପାଣିପାଗ ବିଭାଗ । ତେବେ କୁଆଡେ ଗଲା ମୌସୁମୀ ହଠାତ୍ କାହିଁକି ବଢ଼ିଲା ତାତି ମୁଣ୍ଡଫଟା ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି । ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲା ଗ୍ରୀଷ୍ମ ପ୍ରବାହ । ରାଜ୍ୟକୁ ମୌସୁମୀ ଛୁଇଁ ସାରିଥିବା ବେଳେ ତାଲ ଦେଖାଇଛି ତାତି । ରାଜଧାନୀ ଭୁବନେଶ୍ୱରରେ ଗତ ୩୦ ତାରିଖରେ ସର୍ବୋଚ୍ଚ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିଲା । ତିନି ଦିନରେ ପାରଦ ୪ ଡିଗ୍ରୀ ବଢ଼ି ୪୦ ଡିଗ୍ରୀ ପାଖାପାଖି ପହଁଚିଛି । ଆଜି ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ୩୯.୮ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି ବାଲେଶ୍ୱର । ଓଡ଼ିଶା ଛୁଇଁ ମୌସୁମୀ ଗାଏବ୍ । ଆକାଶରେ ମେଘ ନାହିଁ, ଖରା ଟାଇଁ ଟାଇଁ । ଆଜି ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ପାଲଟିଛି ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର, ଆଉ ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ ସ୍ଥାନ । ଆସନ୍ତା ୫ଦିନ ଯାଏଁ ତାତିରୁ ନିସ୍ତାର ନାହିଁ ବୋଲି ଶୁଣାଇଲାଣି ପାଣିପାଗ ବିଭାଗ । ତେବେ କୁଆଡେ ଗଲା ମୌସୁମୀ ? ହଠାତ୍ କାହିଁକି ବଢ଼ିଲା ତାତି ମୁଣ୍ଡଫଟା ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି । ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲା ଗ୍ରୀଷ୍ମ ପ୍ରବାହ । ରାଜ୍ୟକୁ ମୌସୁମୀ ଛୁଇଁ ସାରିଥିବା ବେଳେ ତାଲ ଦେଖାଇଛି ତାତି । ରାଜଧାନୀ ଭୁବନେଶ୍ୱରରେ ଗତ ୩୦

ତାରିଖରେ ସର୍ବୋଚ୍ଚ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିଲା । ତିନି ଦିନରେ ପାରଦ ୪ ଡିଗ୍ରୀ ବଢ଼ି ୪୦ ଡିଗ୍ରୀ ପାଖାପାଖି ପହଁଚିଛି । ଆଜି ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ୩୯.୮ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି ବାଲେଶ୍ୱର । ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଗତ ୨୮ରେ ଓଡ଼ିଶା ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ସପ୍ତାହେ ମଧ୍ୟରେ ପୁରା ରାଜ୍ୟକୁ ଭିଜାଇବା ନେଇ ବି ଆକଳନ କରିଥିଲା । ହେଲେ ଏବେ ଚିତ୍ର ପୁରା ଓଲଟା । ରାଜ୍ୟରେ ଟାଇଁ ଟାଇଁ ଖରା । କୁଆଡ଼େ ଗଲା ମୌସୁମୀ ବାୟୁ କେଉଁଠି ପହଂଚିଛି ? ପାଣିପାଗ ବିଜ୍ଞାନୀ କହିଛନ୍ତି, ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ଥିବା ବେଳେ ମୌସୁମୀ ଉତ୍ତର ପୂର୍ବ ଦିଗକୁ ଗତି କରି ପଶ୍ଚିମ ବଙ୍ଗ ଏବଂ ବାଂଲାଦେଶ ଯାଏଁ ପହଁଚିଛି । ଏବେବି ଉତ୍ତର-ପୂର୍ବ ବଙ୍ଗୋପସାଗରରେ ମେଘ ରହୁଥିବାରୁ ସେଠାରେ ସକ୍ରିୟ ରହିଛି ମୌସୁମୀ । ବର୍ତ୍ତମାନ ଉତ୍ତର ପଶ୍ଚିମ ଭାରତରେ ତାପମାତ୍ରା ଅଧିକ ରହିଛି । ଏଠାରେ ଆକାଶ ନିର୍ମଳ ରହୁଛି । ବ୍ରେକ୍ ମନସୁନ୍ କାରଣରୁ ରାଜ୍ୟରେ ତାପମାତ୍ରା ବଢ଼ିଛି । ଆସନ୍ତା ୧୨-୧୩ ତାରିଖ ବେଳକୁ ରାଜ୍ୟକୁ ପୁଣି ମୌସୁମୀ ଫେରିବ ଏବଂ ବର୍ଷା କରାଇବା ସମ୍ଭାବନା ଥିବା କହିଛନ୍ତି ପାଣିପାଗ ବିଜ୍ଞାନୀ । ଆସନ୍ତା ୫ଦିନ ଯାଏଁ ସାରା ରାଜ୍ୟରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ପାଇଁ ଆଲର୍ଟ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ୧୧ ଜିଲ୍ଲାକୁ ଅସହ୍ୟ ଖରା ନେଇ ୟେଲୋ ୱାର୍ଣ୍ଣିଂ ବି ଜାରି କରିଛି । ଆଗାମୀ ୯ ତାରିଖ ଯାଏଁ ରାଜ୍ୟରେ ତତି ଜାରି ରହିବା ସହ ତାପମାତ୍ରାରେ ବି ବିଶେଷ କିଛି ପରିବର୍ତ୍ତନ ହେବନି । ମୋଟାମୋଟି କହିବାକୁ ଗଲେ, ମୌସୁମୀ ହଜିବା ସହ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରକୋପ । ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାଖାପାଖି ପହଂଚିଛି । କୃଷି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶା ସମେତ ଦେଶର ଅଧିକାଂଶ ସ୍ଥାନରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ମୌସୁମୀ ନିଷ୍କ୍ରିୟ ରହିବ ।

୨୮ରେ ପହଂଚିଲା କୋରନା ମୃତଙ୍କ ସଂଖ୍ୟା
ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ):ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି କରୋନା ଭାଇରସ । ଦେଶରେ ଆକ୍ଟିଭ କେସ୍ ୪ ହଜାର ପାଖାପାଖି ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ରବିବାର ସୁଦ୍ଧା ୩୭୫୮ ସକ୍ରିୟ ମାମଲା ରହିଛି । ସେହି ସମୟରେ ମୃତ୍ୟୁ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି । ଦିଲ୍ଲୀରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି । ଏଠାରେ ୬୧ ମାମଲା ବୃଦ୍ଧି ପାଇଛି । ସେହି ସମୟରେ, ଉତ୍ତର ପ୍ରଦେଶରେ ସକ୍ରିୟ ମାମଲା ୧୪୯କୁ ବୃଦ୍ଧି ପାଇଛି । ମହାରାଷ୍ଟ୍ରରେ କୋଭିଡ୍-୧୯ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟ ବିଭାଗର ସଦ୍ୟତମ ରିପୋର୍ଟ ଅନୁଯାୟୀ, ରବିବାର ରାଜ୍ୟରେ ୬୫ଟି ନୂତନ କରୋନା ମାମଲା ରିପୋର୍ଟ ହୋଇଛି । ଏଥିମଧ୍ୟରୁ ମୁମ୍ବାଇରୁ ୨୨, ପୁଣେରୁ ୨୫, ଥାଣେରୁ ୯, ପିମ୍ପରି-ଚିଂଚୱାଡରୁ ୬, କୋଲହାପୁରରୁ ୨ ଏବଂ ନାଗପୁରରୁ ଜଣେ ମାମଲା ଆସିଛି । ତଥାପି, ଆଶ୍ୱସ୍ତିର ଖବର ହେଉଛି ଯେ ରାଜ୍ୟରେ ୩୦୦ ରୋଗୀ ସୁସ୍ଥ ମଧ୍ୟ ହୋଇଛନ୍ତି । ବର୍ତ୍ତମାନ ସକ୍ରିୟ କୋଭିଡ୍-୧୯ ରୋଗୀଙ୍କ ସଂଖ୍ୟା ୫୦୬ । ରାଜସ୍ଥାନରେ ମଧ୍ୟ କରୋନା ମାମଲା ନିରନ୍ତର ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୦ଟି ନୂତନ ମାମଲା ରିପୋର୍ଟ ହୋଇଛି । ନୂଆ ସଂକ୍ରମିତଙ୍କ ମଧ୍ୟରେ ୭୪ ଏବଂ ୮୨ ବର୍ଷ ବୟସର ଦୁଇଜଣ ବୃଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୧୯ ରୁ ୩୦ ବର୍ଷ ବୟସର ୭ ଜଣ ଯୁବକ ମଧ୍ୟ ଅନ୍ତର୍ଭୁକ୍ତ । ରାଜସ୍ଥାନରେ ଏପର୍ଯ୍ୟନ୍ତ ୯୮ ଜଣ ଲୋକ କରୋନା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ୧୫ ଜଣ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ରାଜଧାନୀ ଦିଲ୍ଲୀରେ ମୋଟ ସକ୍ରିୟ ମାମଲା ୪୩୬ । ଏଠାରେ ମଧ୍ୟ କୋଭିଡ୍ ଯୋଗୁଁ ୩ ଜଣ ପ୍ରାଣ ହରାଇଛନ୍ତି । ଗୁଜରାଟରେ ୩୨୦ ସକ୍ରିୟ ମାମଲା ଅଛି । ଏଠାରେ କରୋନା ଯୋଗୁଁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ହରିୟାଣାରେ ୩୦ ସକ୍ରିୟ ମାମଲା ରହିଛି । ଉତ୍ତର ପ୍ରଦେଶରେ ୧୪୯ ଏବଂ ପଶ୍ଚିମବଙ୍ଗରେ ୨୮୭ ସକ୍ରିୟ ମାମଲା ରହିଛି । ୟୁପିରେ କୋଭିଡ୍ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ତାମିଲନାଡୁରେ ୧୯୯ ଜଣ କୋଭିଡ୍ ସକ୍ରିୟ ମାମଲା ଅଛନ୍ତି । ଦେଶରେ କୋଭିଡ୍ ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ୨୮ରେ ପହଂଚିଛି ।

ବଢ଼ିଲା +୩ ନାମଲେଖା ଆବେଦନ ଅବଧି

ଭୁବନେଶ୍ୱର,୦୨/୦୬(ଆ.ପ୍ର):ବଢ଼ିଲା +୩ ନାମଲେଖା ଆବେଦନ ଅବଧି । ଜୁନ୍ ୪ତାରିଖ ଯାଏଁ କରିପାରିବେ ଆବେଦନ । ୪ ତାରିଖ ରାତି ୧୧ଟା ୪୩ ଯାଏ ଆବେଦନ କରିପାରିବେ । ଛାତ୍ରଛାତ୍ରୀ ଅଭିଭାବକଙ୍କ ଦାବି ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଖବର ଅନୁଯାୟୀ, ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ତାରିଖ ରବିବାର ଶେଷ ହୋଇଥିଲା । ହେଲେ ଏବେ ପୁଣି ଥରେ ସରକାର ଆବେଦନ ଅବଧିକୁ ବୃଦ୍ଧି କରିଛନ୍ତି । ଜୁନ୍? ୧ ତାରିଖ ରାତି ୧୧.୪୫ରେ ଶେଷ ହୋଇଥିବା ଆବେଦନ ଅବଧିକୁ ଜୁନ୍ ୪ ତାରିଖ ରାତି ୧୧. ୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ, ରବିବାର ସୁଦ୍ଧା ହୋଇଥିବା ଆବେଦନ ଅନୁସାରେ ଯୁକ୍ତ ୩ ନାମଲେଖା ଆବେଦନ କମିଛି । ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି ।

ଖୁବଶୀଘ୍ର ଲାଗୁ ହେବ ନୂଆ ମଦ ନୀତି

ଭୁବନେଶ୍ୱର,୦୨/୦୬(ଆ.ପ୍ର):ଏଥର ତିନି ବର୍ଷିଆ ନୂଆ ଅବକାରୀ ନୀତି । ଆଉ ଚଳିବନି ପୁରୁଣା ନୀତି । ଏଇ ମାସ ମଝିରୁ ନୂଆ ଏକ୍ସାଇଜ୍ ପଲିସି ଲାଗୁ ହେବା ନେଇ ସଙ୍କେତ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଯେଉଁଥିରେ ଆଉ କୌଣସି ନୂଆ ମଦ ଦୋକାନ ତ ଖୋଲିବନି, ତାସହ ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି କଲେ କଡ଼ା ଦଣ୍ଡର ପ୍ରାବଧାନ ରହିବା ସୂଚନା ମିଳିଛି । ଅନ୍ୟ ରାଜ୍ୟରେ ମଦ ନୀତି କିଭଳି ରହିଛି ତା'ର ଅନୁଧ୍ୟାନ ପାଇଁ ବି ୩ଟି ଟିମ୍ ଯିବେ, ସେମାନେ ଫେରିବା ପରେ ନୂଆ ଅବକାରୀ ନୀତି ଚୂଡ଼ାନ୍ତ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଏହାକୁ ମଦ ବ୍ୟବସାୟୀ ସ୍ୱାଗତ କରିଥିବାବେଳେ, ପ୍ରଫିଟ୍ ମାର୍ଜିନ୍ ୧୦ରୁ ୨୫ ପ୍ରତିଶତକୁ ବୃଦ୍ଧି ସହ ଗଏଛ ବ୍ୟବସ୍ଥା ହଟାଇବାକୁ ଦାବି କରିଛନ୍ତି । ରାଜ୍ୟରେ ଆଉ ମୋଟେ ଖୋଲିବନି ନୂଆ ମଦ ଦୋକାନ । ଷ୍ଟେଟ୍ ଏକ୍ସାଇଜ୍ ପଲିସିରେ ହେବ ବଡ଼ ପରିବର୍ତ୍ତନ । ଆଉ ବର୍ଷେ ନୁହେଁ ଏଣିକି ୩ ବର୍ଷିଆ ହେବ ଅବକାରୀ ନୀତି । ରାଜ୍ୟରେ ଖୁବଶୀଘ୍ର ନୂଆ ମଦ ନୀତି ଆସିବା ନେଇ ସଙ୍କେତ ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କହିଛନ୍ତି- ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହ ବେଳକୁ ଏହା ଲାଗୁ ହୋଇଯିବ, ଯେଉଁଥିରେ ନୂଆ ଲିକର ସପ୍ ନଖୋଲିବାକୁ ପ୍ରାବଧାନ ରହିଛି । ତାସହ ଅନ୍ୟ ରାଜ୍ୟରେ ମଦ ନୀତି କିଭଳି ରହିଛି ତା'ର ଅନୁଶୀଳନ ପାଇଁ ୩ଟି ଟିମ୍ ବାହାର ରାଜ୍ୟକୁ ଗସ୍ତ କରିବେ । ପ୍ରଥମେ ଆନ୍ଧ୍ର, ପରେ ରାଜସ୍ଥାନ, କେରଳ ଓ ତାମିଲନାଡୁ ବୁଲି ସେଠିକାର ମଦ ନିୟମ ଅନୁଧ୍ୟାନ କରି ଆସନ୍ତା ୭-୮ ତାରିଖ ବେଳକୁ ଫେରିବେ । ବାହାର ରାଜ୍ୟର ନିୟମଗୁଡ଼ିକର ସବିଶେଷ ତର୍ଜମା ପରେ ରାଜ୍ୟ ଅବକାରୀ ପଲିସି କ'ଣ ସବୁ ପ୍ରଯୁଜ୍ୟ ହେବ, ତାକୁ ଯୋଡ଼ା ଯାଇ ନୂଆ ଅବକାରୀ ନୀତି ପ୍ରସ୍ତୁତ ହେବ । ଯାହାକି ପୂର୍ବାପେକ୍ଷା ଆହୁରି କଡ଼ା ହେବ ଓ ସେଥିରେ ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରିରେ ବ୍ରେକ୍ ଲଗାଯିବାକୁ କଡ଼ା ପଦକ୍ଷେପ ସହ ଅବକାରୀ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ରହିବ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ । ଗତ ମାର୍ଚ୍ଚ ୩୧ରୁ ରାଜ୍ୟରେ ସରିଲାଣି ୨୦୨୩-୨୪ ବର୍ଷର ଅବକାରୀ ନୀତି । ଯା ଭିତରେ ୨ ମାସ ବିତିଥିଲେ ବି ନୂଆ ପଲିସି ଆସିନଥିବାବେଳେ ଚଳିତ ମାସ ମଝିରୁ ୩ ବର୍ଷିଆ ନୂଆ ନୀତି ଲାଗୁ ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ପରେ ସ୍ୱାଗତ କରିଛନ୍ତି ମଦ ବ୍ୟବସାୟୀ । କିନ୍ତୁ ପଲିସିର ରୂପରେଖ ସ୍ପଷ୍ଟ ହୋଇନଥିବାରୁ ବଢ଼ିଛି ଟେନସନ୍ । ଯେହେତୁ ଆଉ ନୂଆ ମଦ ଦୋକାନ ନ ଖୋଲିବାକୁ ମନ୍ତ୍ରୀ ସ୍ପଷ୍ଟ ସୂଚନା ଦେଇଛନ୍ତି, ତେଣୁ ଲାଇସେନସ୍ ଅବଧି ସରିଯାଇଥିବା ପୁରୁଣା ମଦ ଦୋକାନ ପାଇଁ ଆଉ ଲଟେରୀ ବ୍ୟବସ୍ଥା ରହିବ କି ନାହିଁ ତାକୁ ନେଇ ବି ଉଠିଛି ସଂଶୟ । ଏଥିସହ ଲାଇସେନପ୍ରାପ୍ତ ଦୋକାନୀଙ୍କ ପାଇଁ ମଦ ବିକ୍ରି ନେଇ ରହିଥିବା ମିନିମମ୍ ଗ୍ୟାରେଣ୍ଟି କୋଟା ବା ଗଏଛ ନୀତି ରହିବ ନା ବଦଳିବ ତାହା ବି ସ୍ପଷ୍ଟ ହୋଇନି । ତେବେ ଏତେ ସବୁ ସଂଶୟ ଭିତରେ କିନ୍ତୁ ମଦ ବ୍ୟବସାୟୀ ପ୍ରଫିଟ୍ ମାର୍ଜିନ୍ ହାର ୧୦ ପ୍ରତିଶତରୁ ୨୫ ପ୍ରତିଶତକୁ ବଢ଼ାଇବାକୁ ଦାବି କରିଛନ୍ତି ।

ଭଦ୍ରକକୁ ୨୭୪ କୋଟିର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ

ଭଦ୍ରକ,୦୨/୦୬(ଆ.ପ୍ର):ଭଦ୍ରକ ଜିଲ୍ଲା ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗତ ସାଧାରଣ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରଥମ ଭଦ୍ରକ ଜିଲ୍ଲା ଗସ୍ତ ଥିଲା । ଉପସ୍ଥିତ ଥିଲେ ଉଭୟ ଜିଲ୍ଲା ପ୍ରଶାସନ ଏବଂ ଦଳୀୟ ନେତୃମଣ୍ଡଳୀ । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ୧୩ ଗୋଟି ପୂର୍ଣ୍ଣାଙ୍ଗ ପ୍ରକଳ୍ପର ଲୋକାର୍ପଣ ସହିତ ନୂଆ ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଗୁଡ଼ିକର ଲୋକାର୍ପଣ ସହିତ ଶିଳାନ୍ୟାସ କରିଛନ୍ତି । ଅପରାହ୍ନରେ ମୁଖ୍ୟମନ୍ତ୍ରୀ ହେଲିକେପଟର ଯୋଗେ ଭଦ୍ରକ ବ୍ଲକ ଜଗଦନପୁର ପଂଚାୟତ ପାର୍କ ନିକଟସ୍ଥ ପଡିଆରେ ଅବତରଣ କରି କାର ଯୋଗେ ସଭାସ୍ଥଳ ରମ୍ଭିଲା ପଂଚାୟତ ଖେଳ ପଡିଆକୁ ଆସିଥିଲେ । ସେଠାରେ ପ୍ରକଳ୍ପ ଲୋକାର୍ପଣ ଏବଂ ଶିଳାନ୍ୟାସ କରି ସାଧାରଣ ସଭାକୁ ଉଦବୋଧନ କରିଛନ୍ତି । ପରେ ଭଦ୍ରକରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ , ବାସୁଦେବପୁର ବିଧାୟକ ଆଶୋକ ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସହ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିଜ ବକ୍ତବ୍ୟ ରେ କହିଛନ୍ତି ଯେ ଭଦ୍ରକ ପାଇଁ ଆଜି ସୌଭାଗ୍ୟର ଦିନ । ବାବା ଆଖଣ୍ଡଳମଣି ଓ ମାଆ ଭଦ୍ରକାଳୀଙ୍କ ପୀଠ ସମସ୍ତଙ୍କୁ ଗୁହିମନ୍ତ କରିଛି । ବରପୁତ୍ରଙ୍କ ସ୍ମୃତି ପାଇଁ ପଦକ୍ଷେପ ନେଇଛୁ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୬ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନ ଥାନ୍ତି । କିନ୍ତୁ ଆମ ସରକାର ସମସ୍ତଙ୍କ ଅଭିଯୋଗ ଶୁଣୁଛନ୍ତି । ଭୁବନେଶ୍ୱର ବାହାରେ ମଧ୍ୟ ଅଭିଯୋଗ ଶୁଣାଣି ହେଉଛି ଓ ଜାରି ରହିବ । ଆଜି ମଧ୍ୟ ଆମେ ରୋଟି କପଡା ଓ ମକାନ ପାଇଁ ସଂଘର୍ଷ କରୁଛୁ । କିନ୍ତୁ ଆମ ସରକାରରେ ଆବାସ ଯୋଜନାରେ ଘର ଦେବା ଜାରି ରଖିଛୁ । ପ୍ରଧାନମନ୍ତ୍ରୀ ଅନ୍ତୋଦୟ ଆବାସ ଯୋଜନା ରେ ଘର ମିଳିବ । ୫ ଟି ନାଁରେ ରଙ୍ଗ ମାରିବା ଓ ବାଜା ବଜାଇବାରେ ଚାଲିଯାଇଛି । ଆମେ ପ୍ରତି ପଂଚାୟତରେ ୧୨ ହଜାର କୋଟି ବ୍ୟୟରେ ସ୍ମାର୍ଟ ସ୍କୁଲ ଗଠନ ହେବ । ଶିକ୍ଷା ପାଇଁ ଶିକ୍ଷକ ନିଯୁକ୍ତି ଦେଉଛୁ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆୟୁଷ୍ମାନ ଯୋଜନା ଆମେ ଲାଗୁ କରିଲୁ । ପୂର୍ବ ସରକାର କରୁ ନଥିଲେ । ବିଜେଡି ବିଧାୟକ କୁହନ୍ତି ଆମ ସରକାର ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଘୋଷଣା କରିଥିଲେ କିନ୍ତୁ ଦେଇ ପାରିଲେ ନାହିଁ, କିନ୍ତୁ ବିଜେପି କେମିତି ଦେଉଛି । ସୁଭଦ୍ରା ଯୋଜନାରେ ମା ମାନେ ସହାୟତା ରାଶି କୁ ଠିକ୍ ଉପଯୋଗ କରିଛନ୍ତି ଓ ଲକ୍ଷପତି ଦିଦି ତିଆରି ହେଲେ । ୧୭ ଲକ୍ଷର ଲକ୍ଷପତି ଦିଦି ହେବା ସହ ଭାରତରେ ଓଡ଼ିଶା ୧ ନମ୍ବର୍ ହୋଇଛି । ଭଦ୍ରକ ଜିଲ୍ଲାରେ ଶିଳ୍ପ ବିପ୍ଳବର ଧାରା ପ୍ରବାହିତ ହେବ ଓ ଆଇଓସିଏଲରେ ୪୩୦୦ ଯୁବକ ଯୁବତୀ ଚାକିରି ପାଇବେ । ପଲିଷ୍ଟର ଉତ୍ପାଦନ କ୍ଷେତ୍ରରେ ୧୧୫୦ ଜଣ ନିଯୁକ୍ତି ପାଇବେ । ଭଦ୍ରକର ଦାବି ମେଡିକାଲ କଲେଜ ପ୍ରତିଷ୍ଠା । ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜର ଖୁବ୍ ଶୀଘ୍ର ଶିଳାନ୍ୟାସ ହେବ । ଭଦ୍ରକରେ ସରକାରୀ ବିଶ୍ୱ ବିଦ୍ୟାଳୟ ଦାବି ଉଠିଛି । ଭଦ୍ରକରେ ସରକାରୀ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେବ । ପୁଣି ଥରେ ଆସିବି ଭଦ୍ରକ ଓ କୁଣିଆ ହୋଇ ରହିବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ହିଂସା ଜର୍ଜରିତ ମଣିପୁରରେ ହାହାକାର

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ):ବର୍ଷା ପରେ ବନ୍ୟା ସ୍ଥିତି, ଉତ୍ତର-ପୂର୍ବ ଅଂଚଳରେ ଏବେ ସ୍ଥିତି ସଙ୍ଗୀନ୍ । ସବୁଠି ଜଳପ୍ରଳୟ, ପ୍ରକୃତି କରୁଛି ତାଣ୍ଡବ । ବର୍ଷା ପରେ ବନ୍ୟା ସ୍ଥିତିରେ ବେହାଲ ହୋଇଛି ମିଜୋରାମ୍ ଓ ମଣିପୁର । ମିଜୋରାମରେ ପ୍ରବଳ ବନ୍ୟା ସ୍ଥିତି ଉପୁଜିବା ପରେ ଏବଂ ଭୂସ୍ଖଳନ ସହ ମାଟି ଧସିବା ଏବଂ ପଥର ଖସିବା କାରଣରୁ ସମସ୍ତ ସ୍କୁଲ, କଲେଜକୁ ବନ୍ଦ ରଖାଯାଇଛି । ୧୧ଟି ଜିଲ୍ଲାର ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି । ଜଳବନ୍ଦୀ ସ୍ଥିତି, ରାସ୍ତାରେ ପାଣି ସୁଅ ଚାଲୁଥିବାକୁ ଅଘଟଣକୁ ଆଖି ଆଗରେ ରଖି ନିଷ୍ପତ୍ତି ନିଆଯାଇଛି । ସେପଟେ ହିଂସାପ୍ରବଣ ମଣିପୁରରେ ପ୍ରକୃତିର ତାଣ୍ଡବ ପରେ ହାହାକାର ସ୍ଥିତି । ପୂର୍ବ ଇମ୍ଫାଲ ଜଳବନ୍ଦୀ ହୋଇଛି । ଜବାହରଲାଲ୍ ନେହେରୁ ମେଡିକାଲ କଲେଜରେ ବନ୍ୟା ପାଣି ପଶିଛି । ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଫସିରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି । ୪୦୦ରୁ ଅଧିକ ଲୋକଙ୍କୁ ମେଡିକାଲରୁ ଉଦ୍ଧାର କରାଯାଇଛି । ବନ୍ୟା ପାଇଁ ମଣିପୁରର ଅନେକ ଅଂଚଳର ଅବସ୍ଥା ଖରାପ ହୋଇପଡିଛି । ଦୀର୍ଘ ୨ ବର୍ଷରୁ ଅଧିକ ସମୟ ହେବ ହିଂସା ଜର୍ଜରିତ ମଣିପୁରକୁ ପୁଣି ମାଡ଼ି ଆସିଛି ବଡ଼ ବିପଦ । ବନ୍ୟା ଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲାର ଅବସ୍ଥା ଖରାପ ହେବାରେ ଲାଗିଛି । ଲୋକଙ୍କୁ କ୍ରେନ୍,ବୁଲଡୋଜର ସାହାଯ୍ୟରେ ଉଦ୍ଧାର କରାଯାଉଥିବା ଚିତ୍ର ସାମ୍ନାକୁ ଆସୁଛି । ଡାକ୍ତରଖାନା ଗୁଡ଼ିକରେ ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରାଯାଉଛି । ଆଗାମୀ ୭ ଦିନ ପାଇଁ ମଣିପୁର ସମେତ ଅଧିକାଂଶ ପୂର୍ବୋତ୍ତର ରାଜ୍ୟକୁ ହାଇଆଲର୍ଟରେ ରଖାଯାଇଛି । ସେପଟେ ଉତ୍ତର-ପୂର୍ବାଂଚଳର ବିଭିନ୍ନ ରାଜ୍ୟରେ ବନ୍ୟା ପାଇଁ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । ଲକ୍ଷାଧିକ ପ୍ରଭାବିତ ଓ ବାସହରାଙ୍କୁ ସୁରକ୍ଷିତ ସ୍ଥାନରେ ଅଣାଯାଇଛି । ଲଗାଣ ବର୍ଷା ପୂର୍ବୋତ୍ତର ରାଜ୍ୟ ପାଇଁ କାଳ ହୋଇ ଆସିଛି । ୪୮ ଘଣ୍ଟାର ଲଗାଣ ବର୍ଷା ପରେ ଅନେକ ଅଂଚଳରେ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳୁଛି । କେଉଁଠି ଭୟଙ୍କର ଭୂସ୍ଖଳନ ତ ପୁଣି କେଉଁଠି ବନ୍ୟା ଜଳର ପ୍ରବଳ ସ୍ରୋତରେ ଆଖି ପିଛୁଳାକେ ଭାସୁଛି ଘରଦ୍ୱାର । ସିକ୍କିମରେ ଥିବା ସେନା କ୍ୟାମ୍ପ ଉପରେ ମାଟି ଅତଡ଼ା ଖସିବା ଫଳରେ ୩ ଜଣ ଯବାନ ସହିଦ ହେବା ସହ ୧୦ରୁ ଅଧିକ ନିଖୋଜ ଥିବା ନେଇ ସୂଚନା ମିଳିଛି । ସିକ୍କିମରେ ୩୪ ଜଣ, ଆସାମରେ ୧୦ ଜଣ,ମଣିପୁରରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରୁଛି ଏସଡିଆରଏଫ,ଏନଡିଆରଏଫ ଓ ଭାରତୀୟ ସେନା ।

ଆତ୍ମସମର୍ପଣ କଲେ ୧୬ ମାଓବାଦୀ

ମାଲକାନଗିରି,୦୨/୦୬(ଆ.ପ୍ର): ଲାଲବାହିନୀକୁ ଝଟ୍କା । ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଦୁଇ ଜଣ କୁଖ୍ୟାତ ମାଓ ନେତା ରହିଥିବା ସୂଚନା ମିଳିଛି । ଏପରିକି ସେହି ଦୁଇ ହାର୍ଡକୋର ମାଓବାଦୀଙ୍କ ମୁଣ୍ଡ ଉପରେ ୧୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିବା ବେଳେ ୬ ଜଣଙ୍କ ମୁଣ୍ଡ ଉପରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ଼ ସରକାର । ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସୁକୁମା ବିଜାପୁର ଓ ଦାନ୍ତେୱାଡା ଜିଲ୍ଲାର ଅନେକ ହିଂସାକାଣ୍ଡରେ ଜଡ଼ିତ ଥିବା କହିଛନ୍ତି ସୁକୁମା ଏସ୍ ପି କିରଣ ଚୌହାନ । ମାଓ ସଂଗଠନ ଦୁର୍ବଳ ହେଉଥିବା ବେଳେ ନିଜର ଜୀବନ ବଂଚାଇବା ପାଇଁ ଏମାନେ ସୁକୁମା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ସୁକୁମା ଏସପି କହିଛନ୍ତି । ସୂଚନାଯୋଗ୍ୟ, ଯେ, କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଆଦି ଜଙ୍ଗଲରେ ମାଓବାଦୀଙ୍କୁ ଦମନ ପାଇଁ ଅପରେସନ 'କାଗାର' ଆରମ୍ଭ କରିଛନ୍ତି । ଯେଉଁଥିରେ ୧୦ ହଜାରରୁ ଅଧିକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ ଅଛନ୍ତି ।

ବାବୁଙ୍କ ଉପରେ କଡ଼ା ନଜର ରଖିବେ ସରକାର

ଭୁବନେଶ୍ୱର,୦୨/୦୬(ଆ.ପ୍ର):ପ୍ରଶାସନକୁ ଅଧିକ ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଏଣିକି ଯେଉଁ କର୍ମଚାରୀ ମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟରେ ଲଗାଯିବ । ଏଥିସହିତ ଯେଉଁମାନେ ଉତ୍ତମ ପ୍ରଦର୍ଶନ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ । ପ୍ରତିମାସରେ 'ବେଷ୍ଟ କର୍ମଚାରୀ' ପୁରସ୍କାର ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଗତ ମେ' ୨୮ ତାରିଖରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି । ବିଭାଗ ପକ୍ଷରୁ ମଧୁସ୍ମିତା ସାମଲ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏଣିକି ପ୍ରତ୍ୟେକ ବିଭାଗ ନିଜେ ନିଜେ ସ୍ଥିର କରିବ ଯେ କିଏ ହେବ ବେଷ୍ଟ କର୍ମଚାରୀ । ଏଥିପାଇଁ ୬ଟି ମାନଦଣ୍ଡକୁ ବିଭାଗ ପକ୍ଷରୁ ଧ୍ୟାନ ଦେବାକୁ ହେବ । ସେଥିମଧ୍ୟରେ ଯେଉଁ କର୍ମଚାରୀ ନିୟମିତ କାର୍ଯ୍ୟାଳୟ ଆସୁଥିବେ ଏବଂ ବାୟୋମେଟ୍ରିକ୍‌ରେ ତାଙ୍କ ଉପସ୍ଥାନ ପକାଉଥିବେ । ଏହାସହ 'ଓସ୍ୱାସ୍' ଜରିଆରେ ଅଧିକ ଫାଇଲ ପ୍ରେରଣ କରୁଥିବେ, ଯେଉଁଥିରେ କି ଗୁଣାତ୍ମକ ନଥିଗୁଡ଼ିକ ସାମିଲ ଥିବ ଡ୍ରାଫ୍ଟିଙ୍ଗର ମାନ ଠିକ୍ ଥିବ । ବିଶେଷ କରି ଡ୍ରାଫ୍ଟିଙ୍ଗ

ଓଡ଼ିଆରେ ହୋଇଥିବ, ଆଇ-ଗଟ୍ ତାଲିମରେ ଯୋଡ଼ି ହୋଇଥିବେ । ଏସବୁ ଦିଗକୁ ତର୍ଜମା କରି ବିଭାଗ ପକ୍ଷରୁ ବେଷ୍ଟ କର୍ମଚାରୀ ପୁରସ୍କାର ଦେବା ପାଇଁ ସୁପାରିସ୍ ଆସିବା ଆବଶ୍ୟକ । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, କେତେ ଜଣ କର୍ମଚାରୀ ଯଥା ଏଏସ୍‌ଓ ଏବଂ ଏସ୍‌ଓମାନେ ସଂଖ୍ୟାଧିକ ନଥି ପ୍ରସ୍ତୁତ କରୁଥିବା ବେଳେ ଆଉ କେତେ ଜଣ ଗୋଟିଏ ଦୁଇଟିରେ ସୀମିତ ରହୁଛନ୍ତି । ଏଣିକି ସମ୍ପୃକ୍ତ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟଭାରକୁ ସମାନୁପାତିକ ଭାବେ ବଣ୍ଟନ କରାଯିବ । ସମ୍ପୃକ୍ତ ବିଭାଗ ସମସ୍ତ କାର୍ଯ୍ୟକୁ ଏବେ ନିରୀକ୍ଷଣ କରିବ । କେଉଁ ଏଏସଓ ଏବଂ ଏସଓ କିଭଳି କାର୍ଯ୍ୟ କରୁଛନ୍ତି ତାହାର ବିକିନିଖି ହିସାବ ସରକାରଙ୍କୁ ପ୍ରଦାନ କରିବାକୁ ପଡ଼ିବ । କେତେକ କ୍ଷେତ୍ରରେ ନଥି ସଚିବଙ୍କ ନିକଟରେ ପହଂଚିବା ବେଳକୁ ଏହା ୬ ପର୍ଯ୍ୟାୟ ଦେଇ ଯାଉଛି । ତେଣୁ ସରକାରଙ୍କୁ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି ଓ ଏହି ପ୍ରକ୍ରିୟାକୁ ସରଳ ସହ ବ୍ୟବସ୍ଥିତ କରିବା ଲାଗି ଏଣିକି ତିନୋଟି ପର୍ଯ୍ୟାୟରେ ନଥି ସଚିବଙ୍କ ନିକଟରେ ପହଂଚିବା ଆବଶ୍ୟକ । ସେଥିମଧ୍ୟରେ ପ୍ରଥମେ ଏଏସ୍ ଓ ଏବଂ ଏସ୍ଓ ମାନେ ନଥି ପ୍ରସ୍ତୁତ କରିବେ । ଏହାପରେ ଡେସ୍କ ଅଫିସର ଅନୁସଚିବ କିମ୍ବା ଉପସଚିବ ଅନୁଧ୍ୟାନ କରିବେ । ଶେଷରେ ଯୁଗ୍ମ ସଚିବ ଅତିରିକ୍ତ ସଚିବ କିମ୍ବା ସ୍ୱତନ୍ତ୍ର ସଚିବ ଉକ୍ତ ନଥିକୁ ତଦାରଖ କରି ସଚିବଙ୍କୁ ପ୍ରେରଣ କରିବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି ।

ଓଟିଇଟି ପରୀକ୍ଷାକୁ ନେଇ ଚିନ୍ତାରେ ପଡିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ

ଧାମନଗର,୦୨/୦୬ (ଆ.ପ୍ର) : ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-୨୦୨୫କୁ ନେଇ ଧାମନଗର ଅଂଚଳରେ ଚିନ୍ତାରେ ପଡିଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ । ଦୀର୍ଘ ଦେଢ଼ ଦଶନ୍ଧି ଧରି ଏଭଳି ଏକ ପରୀକ୍ଷା କବଳରୁ ବର୍ତ୍ତିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବେ ଛନକା ହୋଇପଡ଼ିଛନ୍ତି । ପାଠ ପଢ଼ାଉଥିଲେ ବି ନିଜେ ପରୀକ୍ଷା ଦେବାକୁ କେବେ ଭାବିନଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବେ ବହି ଦୋକାନରେ ଭିଡ଼ ଲଗାଇଛନ୍ତି । ହାତରେ ମାତ୍ର ୪୯ ଦିନ । ତାରି ଭିତରେ ପାଠ ପଢ଼ି ପରୀକ୍ଷା ଦେବେ । ପରୀକ୍ଷାରେ ୬୦ ପ୍ରତିଶତ ମାର୍କ ରଖିଲେ କୃତକାର୍ଯ୍ୟ ହେବେ ବୋଲି ଧରାଯିବ । ଆଉ କୃତକାର୍ଯ୍ୟ ହେଲେ ତାଙ୍କର ପଦୋନ୍ନତି ହେବ । ନ ହେଲେ ସେଇମିତି ସମାନ ପଦରେ ଚାକିରୀ କାଳ ସରିବ । ପରୀକ୍ଷାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ଚିନ୍ତିତ କି, ଯେଉଁ ପେପରରେ ସେମାନେ ପରୀକ୍ଷା ଦେବାକୁ ସ୍ଥିର ହୋଇଛି, ସେ ବାବଦରେ ଏମାନଙ୍କର ଧ୍ୟାନ କି ଧାରଣା ନାହିଁ । ଯେଉଁ ପାଠ ପିଲାଙ୍କୁ ପଢ଼ାଉଛନ୍ତିସ ସେ ପାଠରେ ପରୀକ୍ଷା ଦେବେ ନାହିଁ । ଜାତୀୟ ଶିକ୍ଷା ନୀତି ଆଧାରରେ ପରୀକ୍ଷା ପାଇଁ ସିଲାବସ୍ ହୋଇଥିବାରୁ ଧାମନଗରର ୨୦୦ରୁ ୨୫୦ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ଚିନ୍ତାରେ ଯେଉଁ ଶିକ୍ଷକ ଶିକ୍ଷୟତ୍ରୀମାନେ ୨୦୦୧, ୨୦୦୩, ୨୦୦୫, ୨୦୦୮, ୨୦୧୦ ଓ ୨୦୧୧ରେ ନିଯୁକ୍ତି ପାଇଥିଲେ, ସେହିମାନେ ଏଥର ପରୀକ୍ଷା ଦେବେ । ରାଜ୍ୟରେ ୨୦୧୨ରେ ଓଟିଇଟି ପରୀକ୍ଷା ପ୍ରଚଳନ କରାଗଲା । ଏଣୁ ଏନସିଟିଇ ନିୟମ ଆଧାରରେ ୨୦୧୧ ପୂର୍ବରୁ ଯେଉଁମାନେ ଚାକିରି କରିଥିବେ ସେମାନେ ପରୀକ୍ଷା ଦେବେ । କେବଳ ଏତିକି ନୁହେଁ, ପଦୋନ୍ନତି ନେବା ଲାଗି ଶିକ୍ଷକ ଯୋଗ୍ୟତା ପରୀକ୍ଷାକୁ ଏନସିଟିଇ ବାଧ୍ୟତାମୂଳକ କରିଛି । ଏହି ନିୟମ ଆଧାରରେ ଯେଉଁମାନେ ଗତ କିଛି ବର୍ଷ ମଧ୍ୟରେ ଅର୍ଥାତ ୨୦୧୨ ପରେ ପଦୋନ୍ନତି ପାଉଛନ୍ତି, ସେମାନଙ୍କ ଭବିଷ୍ୟତ କଣ ହେବ ସେନେଇ ଆଶଙ୍କାରେ ଅଛନ୍ତି । କେତେକ ଶିକ୍ଷକ ଶିକ୍ଷୟତ୍ରୀ କିଛି ବର୍ଷ ପୂର୍ବରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକ ପଦକୁ ପଦୋନ୍ନତି ପାଇଛନ୍ତି । ସେମାନେ ଆଶଙ୍କା କରୁଛନ୍ତି ଯେ, ପରୀକ୍ଷାରେ ଯଦି ବିଫଳ ହୁଅନ୍ତି ସେମାନଙ୍କୁ ପୁଣି ମୂଳ ପଦକୁ ଫେରାଇ ଦିଆଯିବ । ଏଭଳି ସ୍ଥିତିରେ, ସେମାନଙ୍କଠାରୁ କନିଷ୍ଠ ଥିବା ଓ ୨୦୧୨ ପରେ ଓଟିଇଟି ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟତ୍ରୀ ପଦୋନ୍ନତି ପାଇଯିବେ । ଆଉ ଏମାନେ ତାଙ୍କର ଜୁନିଅର ହୋଇ କାମ କରିବେ । ଏଭଳି ସ୍ଥିତିରେ ଶୈକ୍ଷିକ ପରିବେଶରେ ଅସଙ୍ଗତି ଦେଖାଦେବ ବୋଲି କିଛି ଶିକ୍ଷକ ଶିକ୍ଷୟତ୍ରୀ କହିଛନ୍ତି । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ନିୟମ ଅନୁସାରେ ସମସ୍ତ ଶିକ୍ଷକ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଦେବାକୁ ବାଧ୍ୟ । ଏଣୁ ୨୦୧୧ ପୂର୍ବରୁ ଯେଉଁମାନେ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ଚାକିରୀ କରିଛନ୍ତି, ସେମାନଙ୍କ ପାଇଁ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ହୋଇଯାଇଛି । ସେହି କ୍ରମରେ ଗତ ମାସ ୭ ତାରିଖରେ ଚାକିରୀରେ ଥିବା ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରିବା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞପ୍ତି ପ୍ରକାଶ କରିଥିଲା । ଏଥିଲାଗି ମେ ୯ ତାରିଖରୁ ୨୨ ତାରିଖ ଯାଏଁ ଆବେଦନ କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା । ଆସନ୍ତା ମାସ ୨୦ତାରିଖରେ ଦୁଇଟି ସିଟିଂରେ ମୋଟ୍ ୧୫୦ ମାର୍କର ଦୁଇଟି ପେପରର ପରୀକ୍ଷା କରାଯିବ । ସାଧାରଣ ବର୍ଗଙ୍କ ପାଇଁ ପାସ୍ ମାର୍କ ୯୦ ଥିବାବେଳେ ଏସସି, ଏସଟି ପାଇଁ ୭୫ ମାର୍କ ରହିଛି । ଏଥିରେ କିଛି ଶିକ୍ଷକ ଶିକ୍ଷୟତ୍ରୀ ୫ରୁ ୬ମାସ ଚାକିରୀ ସମୟ ସିମା ଥିବା ବେଳେ ସେମାନେ ମଧ୍ୟ ପରୀକ୍ଷା ଦେବେ ପାଇଁ ବିଇଓ ଅଫିସରେ ଏନଓସି ନେଇଛନ୍ତି ।

ରଥଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରାୟଗଡା,୦୨/୦୬ (ଆ.ପ୍ର) : ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡରେ ବିଜେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରା ଓ ବାହୁଡ଼ା ଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ, ରାୟଗଡ ଶ୍ରୀ ରମେଶ କୁମାର ଜେନାଙ୍କ ଉପସ୍ଥିତରେ ଆଲୋଚନା କରାଯାଇଥିଲା । ଏହି ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରିତ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ପୂର୍ବ ବର୍ଷ ପରି ମହାସମାରୋହରେ ଓ ସୁରୁଖୁରୁରେ ଆୟୋଜନ କରାଯାଇପାରିବ ସେଥିପାଇଁ ସମସ୍ତ ସକ୍ରିୟ ସହଯୋଗ କାମନା କରିଥିଲେ । ଏହାପରେ ତହସିଲଦାର, ରାୟଗଡ ପୂର୍ବ ବର୍ଷ ମାନଙ୍କର ଆୟୋବ୍ୟୟ ଉପସ୍ଥାପନ କରିଥିଲେ ଏବଂ ଏହି ବିଷୟରେ ଆଲୋଚନା କରି ଚଳିତବର୍ଷ ନିମନ୍ତେ ପାଣ୍ଠିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ଏହାପରେ ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ପାଦନ ଉପରେ ଆଲୋଚନା କାଯାଇଥିଲା । ଏମଆଇ ଡିଭିଜନ ତରଫରୁ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥରେ ରଂଗ କରିବେ । ପୂର୍ତ୍ତ ବିଭାଗ ରଥ ନିର୍ମାଣ ଓ ଫିଟନେସ ସାର୍ଟିଫିକେଟ ଦେବେ । ଜଗନ୍ନାଥ ମନ୍ଦିର ଭିତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ବାହାରେ ପୂର୍ତ୍ତ ବିଭାଗ ମିଳିତ ଭାବରେ ମରାମତି ଓ ରଂଗ କାର୍ଯ୍ୟ କରିବେ । ପୌରପରିଷଦ ତରଫରୁ ପରିମଳ ବ୍ୟବସ୍ଥା କରିବେ । ଟ୍ରାଫିକ, ଗାଡି ପାର୍କିଂଗ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା କଥା ଜିଲ୍ଲା ପୋଲିସ ବିଭାଗ କରିବ । ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ କୁହାଯାଇଛି । ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆମ୍ବୁଲାନ୍ସ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ରଥଯାତ୍ରା ସମୟରେ ପିଇବା ପାଣି ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଚଳିତ ରଥଯାତ୍ରାରେ ଅଧିକ ସାଜସଜ୍ଜା କରିବା ସହିତ ଆକର୍ଷଣୀୟ କରିବାକୁ ସଦସ୍ୟ ମାନେ ବୈଠକରେ ଦାବି କରିଥିଲେ । ଏହି ବୈଠକରେ ନଗରପାଳ ଶ୍ରୀ ପି ମହେଶ ପଟ୍ଟନାୟକ, ଉପ ଆରକ୍ଷୀ ଅଧିକାରୀ,ତହସିଲଦାର ରାୟଗଡ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ, ଆଂଚଳିକ ପରିବହନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ, ସହକାରୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୌର ନିର୍ବାହି ଅଧିକାରୀ, ଅତିରିକ୍ତ ତହସିଲଦାର,ଅଗ୍ନି ସଶ୍ଚ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ, ରାଜପୁରୋହିତ ବିରଂଚି ନାରାୟଣ ଦାଶ, ସୁନୀଲ ଚନ୍ଦ୍ର ପଣ୍ଡା, ବଟନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା ମହେନ୍ଦ୍ର ରଥ , ସଚିଦାନନ୍ଦ ଖାଡଙ୍ଗା, ସୁରେଶ ଚନ୍ଦ୍ର ପଣ୍ଡା, ବିନାୟକ କର, ପ୍ରଭାକର ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ତହସିଲଦାର ରାୟଗଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

ହାଟଡିହି ଅଂଚଳ ରେ କମୁଛି ଚାଷ ଜମି

ହାଟଡିହି,୦୨/୦୬ (ଆ.ପ୍ର) : ହାଟଡିହି ଏହି ବ୍ଲକରେ ଏବେ ଚାଷ ଜମି କମୁ ଥିବା ଦେଖିବାକୁ ମିଳୁଛି । ଦୁଇ ହଜାର କୋଡ଼ିଏ ମସିହା ର ସରକାରୀ ହିସାବ ଅନୁଯାୟୀ ହାଟଡିହି ବ୍ଲକର ରେ ଲୋକସଂଖ୍ୟା ୧୬୧୬୪୮ । ଏବେ ଦୁଇ ହଜାର ୨୦୨୫ ମସିହା ହୋଇ ସାରିଛି । ପୂର୍ବ ପରିସଂଖ୍ୟାନ ଅନୁଯାୟୀ ହାଟଡିହି ଅଂଚଳ ରେ ୪୧.୬୩୯.୪୦ ହେକ୍ଟର ଜମି ରହି ଥିଲା । ଏବେ ଅନେକ ଚାଷ ଜମି ଘର ଡିହ ରେ ପରିଣତ ହେବାରେ ଅଂଚଳରେ ଚାଷ ଜମି କମି ଯାଉଥିବା କହିଛନ୍ତି ସାମାଜିକ ସମୀକ୍ଷକ ମାନେ । ଆଗାମୀ ଦିନରେ ଗ୍ରାମାଂଚଳରେ ଲୋକେ ଆଉ ଚାଷ କରିବାକୁ ଇଚ୍ଛା ରଖୁନଥିବା ବେଳେ ଜମି ଗୁଡିକ ଘର ଡିହ କଲେ ଉଚ୍ଚମୂଲ୍ୟରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଯାହାକୁ ନେଇ ଶିକ୍ଷାବିତ୍ ଗୌରକ୍ରିଷ୍ଣ ନାୟକ କହନ୍ତି ଏପରି କରିବା ଦ୍ୱାରା ଲୋକ ସେମାନଙ୍କ ଆବଶ୍ୟକତା ପୂରଣ କରିବା ସହଜ ହେଇପାରେ କିନ୍ତୁ ଜୀବଜଗତ ପାଇଁ ଚାଷ ଜମି ନିହାତି ଜରୁରୀ । ଆମେ ଯଦି ଚାଷ ଜମି ହରାଇଲେ ତାହା ସୃଷ୍ଟି କରିବା ହଜାର ହଜାର ବର୍ଷ ଲାଗି ପାରେ କିନ୍ତୁ ଏହା ଦ୍ୱାରା ମାନବ ଶୃଙ୍ଖଳ ବିପଦପୂର୍ଣ୍ଣ ।ଏହାକୁ ନେଇ ମହିଳା ଶିକ୍ଷାବିତ୍ ସ୍ମୃତି ନାୟକ କହନ୍ତି ପରିବେଶ ଏବଂ ଜନସଂଖ୍ୟାରେ ସନ୍ତୁଳନ କରାଯିବ ଆବଶ୍ୟକ । ଯଦି ଚାଷ ଜମି ନଷ୍ଟ ହୁଏ ତାହାଲେ ମାନବ ଜାତି ନିଜର ଯେଉଁ ଖୁସି ପାଇଁ ଯାହାକୁ ଗୁରୁତ୍ୱ ଦେଉଛି ତାହାର ଚାହିଦା ରହିବା ଅସମ୍ଭବ । ସାମାଜିକ କର୍ମୀ ଗୌରାଙ୍ଗ ରଣା କହନ୍ତି । ଚାଷ ଜମି କମିଲେ ପୁନଃ ସୃଷ୍ଟି କରିହେବ ନାହିଁ, ଲୋକ ମାନେ ଯେଉଁ ଖୁସି କୁ ଗୁରୁତ୍ୱ ଦେଇ ବଡ ବଡ ପକ୍କା ଘର ପାଇଁ ନିର୍ମାଣ କରୁଛନ୍ତି ତାହା ପୁଣି ଦିନେ ନା ଦିନେ ବିପଦକୁ ନିମନ୍ତ୍ରଣ କରିବ ।

ଚାରି ବର୍ଷ ବିତିଯାଇ ଥିଲେ ମଧ୍ୟ ଲୋକଙ୍କ ହୃଦୟରୁ ସ୍ୱର୍ଗତ ବିଜୟ ଶ୍ରୀ ରାଉତରାୟ ଯାଇ ନାହାଁନ୍ତି

ବାସୁଦେବପୁର,୦୨/୦୬ (ଆ.ପ୍ର) :ବିଶିଷ୍ଟ ଶିକ୍ଷାବିତ୍ ଓଡିଶାର ବରେଣ୍ୟ ପୂର୍ବତନ ମନ୍ତ୍ରୀ ବାସୁଦେବ ପୁର ବିକାଶର ବିଶ୍ୱକର୍ମା ତଥା ଜନ୍ମଜ କୁଡିର କିର୍ତ୍ତିକାର ବାସୁଦେବପୁର ବିକାଶର ସାରଥୀ ସ୍ୱର୍ଗତଃ ବିଜୟଶ୍ରୀ ରାଉତରାୟଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକରେ ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଂଟନ କରିବା ସହ ବାସୁଦେବ ପୁର ବିଜୁ ଜନତା ଦଳର କାର୍ଯ୍ୟାଳୟରେ ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା, ଏହି ସଭାରେ ବରିଷ୍ଠ ନେତା ଓ ଯୁବ ନେତା ମାନେ ସ୍ୱର୍ଗତ ବିଜୟ ଶ୍ରୀ ରାଉତରାୟଙ୍କ ବିଷୟରେ ଅଭିଭାଷଣ ରଖିଥିଲେ,ଏଥିରେ ଯୋଗ ଦାନ କରିଥିଲେ ବାସୁଦେବ ପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବ ପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଜେଡି ଦଳ ବ୍ଲକ ସଭାପତି ଶ୍ରୀଯୁକ୍ତ ଦୀନବନ୍ଧୁ ଦାସ, ବିଜେଡି ଦଳ ପୌରପାଳିକା ସଭାପତି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମହାନ୍ତି, ଯୁବ ନେତା ଅଶୋକ ନାୟକ, ଯୁବ ଛାତ୍ର ସଭାପତି କାଳନ୍ଦୀ ସାହୁ, ବିଜେଡ଼ି ଜିଲ୍ଲା ଯୁବ ସାଧାରଣ ସଂପାଦକ ବିଜୟ କୁମାର ନାୟକ, (ରବି) ବିଜେଡ଼ି ଦଳ ର ବ୍ଲକ ଯୁବ ସଭାପତି ଜଗବନ୍ଧୁ ଖିଲାର, ବାସୁଦେବ ପୁର ଉପାଧ୍ୟକ୍ଷ ଗୌତମ ସେଠୀ, ପ୍ରଫୁଲ୍ଲ ପଳିତ, ଅମିନୁଦିନ ଖାଁ (ଆପନ), ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସାରଦା ମହାନ୍ତି, କୃଷ୍ଣଚନ୍ଦ୍ର ଘଡ଼େଇ, ସୁଗୋ ସରପଂଚ ଚିନ୍ତାମଣି ନାୟକଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ପୃଷ୍ଟି, ବିଜେଡି ଦଳର ସରପଂଚ ଓ ସମିତି ସଭ୍ୟ, ପୌରପାଳିକା କାଉନସିଲ ଓ ବିଜୁ ଜନତା ଦଳର ସମସ୍ତ ସଦସ୍ୟ ନେତୃମଣ୍ଡଳୀ ଯୁବ, ଛାତ୍ର, ଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ଏରସମା ରଜ ମହୋତ୍ସବ ଉଦଘାଟିତ

ଏରସମା,୦୨/୦୬ (ଆ.ପ୍ର) : ରବିବାର ସନ୍ଧ୍ୟାରେ ଏରସମା ରଜ ମହୋତ୍ସବ କମିଟି ପକ୍ଷରୁ ୧୪ ତମ ବାର୍ଷିକ ରଜ ମହୋତ୍ସବ ଉତ୍ସବ ଏରସମା ଦେବୀ ଦୋଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ନିରାକାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏରସମା ରଜ ମହୋତ୍ସବ କମିଟିର ସଦସ୍ୟ ମାନେ ଭାଇଚାରା ବଜାୟ ରଖିବା ସହିତ ଦୀର୍ଘ ୧୪ ବର୍ଷ ଧରି ଏହି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରୁଛନ୍ତି । ଆଜିର ପ୍ରଥମ ଦିବସରେ ଆୟୋଜିତ ରଜ ମହୋତ୍ସବକୁ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି ।ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ସାଂସଦ ଶ୍ରୀ ତରାଇ ଜନଜାତୀୟ ସଂସ୍କୃତି ଓ ପରମ୍ପରାରେ ରଜପର୍ବ କହିଛନ୍ତି । ମହୋତ୍ସବ କମିଟି ସଭାପତି ସମିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ସମାଜ ସେବୀ ସୁମନ ଖଟୁଆ,ଦୀପକ ପରିଡା ପ୍ରମୁଖ ଯୋଗଦେଇ ଥିଲେ । ମହୋତ୍ସବ କମିଟି ସମ୍ପାଦକ ନିରାକାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।ଏହି ଅବସରରେ ବିଭିନ୍ନ କଳା କାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କୃଷି ଭିତିକ ଭାଇଚାରା ପର୍ବରେ ଅଂଚଳର ପ୍ରତିଭା ବ୍ୟକ୍ତିଙ୍କୁ ସାମିଲ କରାଯିବା ସହିତ ରଜ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ । ଏହି ଉତ୍ସବ ଜୁନ ୧ ତାରିଖରୁ ଆରମ୍ଭ ହୋଇ ୮ତାରିଖ ପର୍ଯ୍ୟନ୍ତ ଆଠଦିନ ଧରି ଚାଲୁ ରହିବ ।

ମାଳ ମାଳ ଜାଲ୍ ଶିକ୍ଷକ; ଜଣେ ବି ଧରା ପଡୁନାହାନ୍ତି

ନୂଆପଡ଼ା,୦୨/୦୬ (ଆ.ପ୍ର) :ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ରେ ବର୍ଷ ବର୍ଷ ଧରି ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ରରେ ଅନେକ ବ୍ୟକ୍ତି ଶିକ୍ଷକତା କରଛନ୍ତି । ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି । ବ୍ଲକର ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଅଣ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ତାଲିମ କେନ୍ଦ୍ରରୁ ସିଟି, ବିଇଡି ପାସ୍ ପ୍ରମାଣ ପତ୍ର ଆଣି ଚାକିରି କରୁଛନ୍ତି । କେତେକ ଫେଲ୍ ଶିକ୍ଷକ ମଧ୍ୟ ପ୍ରମାଣ ପତ୍ରରେ ଦର୍ଶାଯାଇଥିବା ମାର୍କରେ ଚଂଚକତା କରି ଅଧିକ ମାର୍କ ଦର୍ଶାଇ ଚାକିରି କରୁଥିବା ଅଭିଯୋଗ ହେଉଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ରରେ ଚାକିରି କରୁଥିବା ଜଣାପଡ଼ିବା ପରେ ସରକାର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଂଚ କରାଇଥିଲେ । ଯାଂଚ ସତ୍ୱେ ଜାଲ ଶିକ୍ଷାଗତ ପ୍ରମାଣ ପତ୍ରରେ ଅନେକ ଶିକ୍ଷକତା କରୁଥିଲେ ମଧ୍ୟ କିପରି ଧରା ପଡ଼ି ପାରୁ ନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପ୍ରମାଣପତ୍ର ଯାଂଚ କରୁଥିବା କେତେକ ଅଧିକାରୀ ମଧ୍ୟ ଦୁର୍ନୀତିରେ ସାମିଲ ରହିଥିବା ଅଂଚଳରେ ବେଶ୍ ଚର୍ଚ୍ଚା ହେଉଛି । ବିଶ୍ୱବିଦ୍ୟାଳୟରୁ ଫେଲ୍ ହୋଇଥିବା ବେଳେ ପାସ୍ ପ୍ରମାଣ ପତ୍ର ଦେଇ ସିନାପାଲି ବ୍ଲକରେ ୫୦ରୁ ଅଧିକ ଶିକ୍ଷକ, ଶିକ୍ଷୟିତ୍ରୀ ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି; କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି । କେତେକ ଶିକ୍ଷକ ନିଜେ ପଢ଼ିଥିବା ବିଶ୍ୱବିଦ୍ୟାଳୟ ଦେଖି ନ ଥିବା ବେଳେ ମୋଟା ଅଙ୍କର ଅର୍ଥ ଦେଇ ସେଭଳି ବିଶ୍ୱବିଦ୍ୟାଳୟରୁ ବିଇଡି ଶିକ୍ଷାଗତ ପ୍ରମାଣ ପତ୍ର ଆଣି ଶିକ୍ଷକତା କରୁଥିବା ଆଲୋଚନା ହେଉଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ନିୟମିତ ବ୍ୟବଧାନରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଂଚ କରାଯାଉଛି । ଏହା ସତ୍ତ୍ୱ ଆଜି ପର୍ଯ୍ୟନ୍ତ ସିନାପାଲି ବ୍ଲକରେ ଜଣେ ବି ଶିକ୍ଷକ ଧରା ନ ପଡ଼ିବା ସମସ୍ତଙ୍କୁ ବିସ୍ମିତ କରିଛି । ଯାଂଚ କରୁଥିବା ଅଧିକାରୀ ତଥା କର୍ମଚାରୀଙ୍କ ମଧ୍ୟରୁ କେତେକ ନିଜେ ଜାଲ ପ୍ରମାଣ ପତ୍ରରେ ଚାକିରି କରୁଛନ୍ତି । କେତେକ ପ୍ରଭାବଶାଳୀ ଶିକ୍ଷକଙ୍କ ରାଜନୈତିକ ପତିଆରା ସହ ବିଦ୍ୱାମୁହଁ ଯୋଗୁଁ ଯାଂଚ ଅଧିକାରୀ ସବୁ ଜାଣି ଶୁଣି ଚୁପ୍ ରହିବାକୁ ବାଧ୍ୟ ହେଉଥିବା ଆଲୋଚନା ହେଉଛି । କେତେକ ଶିକ୍ଷକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଗୋଲାମ ଗିରି କରୁଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଜାଲ୍ ପ୍ରମାଣ ପତ୍ରରେ ଚାକିରି କରୁଛନ୍ତି । ଏଣୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁ ନାହିଁ । ସିନାପାଲି ଅଂଚଳର ଶହ ଶହ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଚାକିରି ଆଶାରେ ରହିଛନ୍ତି । ଅନ୍ୟପଟେ ଜାଲ ପ୍ରମାଣ ପତ୍ର ଦେଇ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା ହାତେଇ ନେବାରେ ସକ୍ଷମ ହେଉଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏଁଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତର ମିଳି ନ ଥିବା ବେଳେ ଏ ବିଷୟରେ ସେ ଅବଗତ ନୁହନ୍ତି । ତାଙ୍କୁ ସରକାରୀ ସ୍ତରରେ କୌଣସି ଚିଠି ଆସିନାହିଁ । ତଦନ୍ତ କଲା ପରେ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ ।

ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ କଳ୍ପତରୁ ଆଶ୍ରମର ପିଲାଙ୍କୁ ପୋଷାକ ବଂଟନ

ଭଦ୍ରକ,୦୨/୦୬ (ଆ.ପ୍ର) :ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ରଜପର୍ବ ଉପଲକ୍ଷେ ମହିଳା ମାନଙ୍କୁ ଶାଢ଼ୀ ଓ ପୁରୁଷ ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଛି, ଚଳିତ ବର୍ଷ ରଜପର୍ବ ଉପଲକ୍ଷେ ଆଜି ବାସୁଦେବପୁର ସ୍ଥିତ କଳ୍ପତରୁ ଆଶ୍ରମର ପିଲାମାନଙ୍କୁ ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ପୋଷାକ ବିତରଣ କରାଯାଇଛି, ସଂଗଠନର ମୁଖ୍ୟ ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ତଥା ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାର, ସଂଗଠନର ସମ୍ପାଦିକା ସମାଜସେବୀକା ଅଞ୍ଜନା ମିଶ୍ର, ଉପଦେଷ୍ଟା ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢ଼ୀ, ଉପସଭାପତି ଶିକ୍ଷୟତ୍ରୀ ମନୋରମା ରାୟ ପ୍ରମୁଖ ପିଲାମାନଙ୍କୁ ପୋଷାକ ପ୍ରଦାନ କରିଥିଲେ । ଏହି ଅବସରରେ ଆଶ୍ରମର ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ଅବସର ପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୀୟ କୁମାର ମହାଳିକ, ସ୍ମୃତି ରଞ୍ଜନ ପଳିତା, ଟ୍ରଷ୍ଟର ସଭାପତି ପ୍ରାକ୍ତନ ପ୍ରଧାନଶିକ୍ଷକ ନିରଞ୍ଜନ ଅଗସ୍ତି, ନିତ୍ୟାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । କଳ୍ପତରୁ ଆଶ୍ରମ ରେ ଥିବା ଊଣେଇଶି ଜଣ ପିଲା ଓ ପିଲା ମାନଙ୍କର ଯତ୍ନ ନେଉଥିବା ପୁରୁଷ ଓ ମହିଳାଙ୍କୁ ବସ୍ତ୍ର ବଂଟନ କରିଥିଲେ ସଂଗଠନର ସଭାପତି କଳ୍ପନା ଜେନାଙ୍କ ତତ୍ତ୍ୱାବଧାନରେ ଉପସଭାପତି ଚଇତାଳି ଖିଲାର, ରିଚିସ୍ମିତା ମହାନ୍ତି, ମାର୍ଗଦର୍ଶକ ଅଧ୍ୟକ୍ଷ ନିହାର ରଞ୍ଜନ କର, ମାର୍ଗ ଦର୍ଶକ ପ୍ରଭାତ ଜେନା ପ୍ରମୁଖ ସହଯୋଗ କରିଥିଲେ ।

ନୂଆପଡ଼ାରେ ଏସ୍‌ଆଇଆରଡ଼ି ତରଫରୁ ପଂଚାୟତ ବିକାଶ ସୂଚକାଙ୍କ ଉପରେ କର୍ମଶାଳା ଅନୁଷ୍ଠିତ

ନୂଆପଡ଼ା,୦୨/୦୬ (ଆ.ପ୍ର) :ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ, ଏସ୍‌ଆଇଆରଡ଼ି, ଭୁବନେଶ୍ୱର ତରଫରୁ ପଂଚାୟତ ବିକାଶ ସୂଚକାଙ୍କ ବା Panchayat Advancement Index ଉପରେ ଗୋଟିଏ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭା ଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ଉପରୋକ୍ତ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ମୀନା, ଆଇ ଏ ଏସ୍, ଯୋଗଦେଇ ପଂଚାୟତ ବିକାଶ ସୂଚକାଙ୍କ କିଭଳି ଭାବରେ ପ୍ରତି ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ଅନ୍ ଲାଇନରେ ଅପ୍‌ଲୋଡ୍ କରିହେବ ସେ ବିଷୟରେ ବିଶଦ ସୂଚନା ଦେଇଥିଲେ । ଜିଲ୍ଲା ପରିଷଦ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସମସ୍ତ ବିଡିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରୀ, ସରପଂଚ, ପିଇଓ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ନିର୍ଦ୍ଦେଶକ କହିଲେ ଯେ ପିଏଆଇ ହେଉଛି ପଂଚାୟତ ବିକାଶ ଏବଂ ପ୍ରଗତିର ଆକଳନ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ । ଏଣୁ ସମସ୍ତ ପଂଚାୟତ ଏଥିରେ ନିର୍ଭୁଲ ଭାବରେ ଡାଟା ଏଂଟ୍ରି କରିବେ । ଏଥିରେ ଗରୀବି, ଶିକ୍ଷା, ସ୍ୱାସ୍ଥ୍ୟ ସ୍ୱଚ୍ଛତା, ସାମାଜିକ, ଆର୍ଥିକ, ଶିଶୁ ଏବଂ ମହିଳା ବିକାଶ ଭଳି ବିଭିନ୍ନ ପାରାମିଟର ରହିଥିବାରୁ ପ୍ରଗତିର ସଠିକ ଆକଳନ ହୋଇ ପାରିଥାଏ । ଏହି କାମରେ ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ବର୍ତ୍ତମାନ ନୂଆପଡ଼ା ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି କରୁଛି । ବିଭିନ୍ନ ଆକଳନରେ ଏହା ରାଜ୍ୟରେ ନିଜ ଅଗ୍ରଣୀ ସ୍ଥିତି ଜାହିର କରି ପାରିଛି । ପଂଚାୟତର ଡାଟା ଭଲ ରହିଲେ ବ୍ଲକର ଉନ୍ନତି ଜଣା ପଡିବ ଏବଂ ସାମଗ୍ରିକ ଭାବରେ ଜିଲ୍ଲାର ବିକାଶ ହେବ । ସରପଂଚ ତଥା ଲୋକ ପ୍ରତିନିଧି ମାନଙ୍କ ଏ କ୍ଷେତ୍ରରେ ଗୁରୁ ଦାୟିତ୍ୱ ରହିଛି । ସମସ୍ତଙ୍କ ସହଯୋଗରେ ପ୍ରବାସୀ ଶ୍ରମିକ ସମସ୍ୟାକୁ ବହୁ ମାତ୍ରାରେ ପ୍ରଶାସନ ନିୟନ୍ତ୍ରଣ କରି ପାରିଛି । ଆମେ ସମସ୍ତେ ମିଶି ନୂଆପଡ଼ାକୁ ଏକ ନମ୍ବର ଜିଲ୍ଲାରେ ପରିଣତ କରି ପାରିବା । ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

ସରକାରୀ ଜମି ଚିହ୍ନଟ ଲାଗି ତହସିଲଦାରଙ୍କୁ ଦାବିପତ୍ର

କୋକସରା,୦୨/୦୬ (ଆ.ପ୍ର) :କୋକସରା ବ୍ଲକ ମୋଟେର ପଂଚାୟତ ସଦର ବସଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜମି ଜବରଦଖଲ କରି ରଖିଛନ୍ତି । ଏହାକୁ ଉଚ୍ଛେଦ କରିବା ଓ ସରକାରୀ ଜମି ଚିହ୍ନଟ କରିବା ପାଇଁ ସୋମବାର କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୋଟେର ବସଷ୍ଟାଣ୍ଡ ନିକଟରେ ଏକ ଅମୃତଧାରା ଓ ଶୌଚାଳୟ ପାଇଁ ଅଂଚଳବାସୀ ଦାବି କରି ଆସୁଥିଲେ । ବର୍ତ୍ତମାନ ତାହା ଅନୁମୋଦନ ହୋଇଛି । କିନ୍ତୁ ବସଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜାଗା ଅକ୍ତିଆର କରିବା ସହ ଦୋକାନ କରିଛନ୍ତି । ଯାହା ଫଳରେ ଶୌଚାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ପାରୁନାହିଁ । ଏବଂ କାମ ଆରମ୍ଭ ହୋଇପାରୁନାହିଁ । ତେଣୁ ମୋଟେର ଗ୍ରାମର ସରକାରୀ ଜାଗା ଚିହ୍ନଟ କରିବା ପାଇଁ ଦାବି କରି ସରପଂଚ ବାସନ୍ତୀ ନାଏକଙ୍କ ତତ୍ତ୍ୱାବଧାନରେ ନାଏବ ସରପଂଚ ପଲ୍ଲବୀ ପାଲ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏବଂ ଶିଘ୍ର ଏହାର ପଦକ୍ଷେପ ନେବା ସହ ଜମି ଚିହ୍ନଟ କରି ପଂଚାୟତକୁ ହସ୍ତାନ୍ତର କରି ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଦାବି କରିଥିବା ଜଣାପଡିଛି ।

କଳାହାଣ୍ଡି - ଗଜପତିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ

ଧର୍ମଗଡ,୦୨/୦୬ (ଆ.ପ୍ର) :ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଫୁଟବଲ ଦଳ ମାନଙ୍କୁ ନେଇ ସିଏମ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଉଛି । ଆଜି ପ୍ରଥମ ସେମି ଫାଇନାଲ ଫୁଟବଲ ମ୍ୟାଚ କଳାହାଣ୍ଡି ଓ ଗଜପତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ୧୪ - ୦ ଗୋଲ ରେ ଗଜପତି କୁ ପରାସ୍ତ କରି ବିଜୟ ଲାଭ ହୋଇ ଫାଇନାଲରେ ପ୍ରବେଶ କରିଛି । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବ ସଭାପତି (ସି.ଏ) ଆର.ଲକ୍ଷ୍ମୀ ତରୁଣ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗଜପତି ଦଳର ରବିତେଜ ଶବର ମ୍ୟାନ ଅଫ ଦି ମ୍ୟାଚ ଭାବରେ ବିବେଚିତ ହୋଇଥିଲେ । ମ୍ୟାଚ କ୍ରୀଡା ପରିଚାଳକ ଅଜୟ ହରିଜନ ଦାୟିତ୍ୱ ତୁଲାଇଥିବା ବେଳେ, ଲାଇନ ମ୍ୟାନ୍ସ ଭାବେ ସମୀର ପ୍ରଧାନ ଓ ପୂର୍ବ ମୁଦୁଲି ସହଯୋଗ କରିଥିଲେ । ଫୋର୍ଥ ପରିଚାଳକ ଭାବେ ସୁବ୍ରାନଶୁ ରାଉତ ନିୟୋଜିତ ଥିଲେ । ଏ ବିଜୟ ସଫଳତା ପାଇଁ କଳାହାଣ୍ଡିର ବହୁ କ୍ରୀଡ଼ାବିତ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ଘୋଷଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ନୀଳଗିରି, ୦୨/୦୬ (ଆ.ପ୍ର) : ଓଡ଼ିଶାର ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥଙ୍କ ଆଗାମୀ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଜୁନ ୨୮ରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ମଙ୍ଗଳବାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅପରାହ୍ନ ୫,୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ଥାନୀୟ ତହସିଲଦାର ସୋନମ ଦାସ ପୂର୍ବ ବିବରଣୀପାଠ କରିଥିଲେ । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଗଢ଼ାରେ ଆବଶ୍ୟକ କାଠ, ରଥ ଦଉଡି, ଡ୍ରେନ ସମସ୍ୟା, ମହିଳା ରଥ ପାଇଁ ଆବଶ୍ୟକ କାଠ, ରଥଟଣା, ଦୁଇ ରଥରେ ପ୍ରବଚନ ଦେବା ସମ୍ପର୍କରେ, ଭୋଗବଂଟନ, ବିଦ୍ୟୁତ ତାରକୁ ସଠିକ ଢଙ୍ଗରେ ନିରାପଦରେ ରଖିବା, ରଥ ବାଟର ପ୍ରତି ୫୦ରୁ ଶହେ ମିଟର ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣରେ ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟଜଳର ସୁବ୍ୟବସ୍ଥା, ରଥଯାତ୍ରାରେ ଦେଶୀ ଓ ବିଦେଶୀ ମଦବିକ୍ରି ବନ୍ଦ, ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନାକେନ୍ଦ୍ର କରାଯାଇ ସୂଚନା ପ୍ରଦାନ, ଲୁଟେରା, ଛୀନତାଇରୁ ରକ୍ଷାପାଇବା ପାଇଁ ବିଭିନ୍ନ ଛକରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତମ ବସସେବା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୋଡା ନାଚ,ଦାସକାଠିଆ, ପାଲା ଗାୟାଣ, ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ, ସାଇକେଲ ଷ୍ଟାଣ୍ଡରେ ନିର୍ଦ୍ଧାରିତ ଟିକେଟ ଧାର୍ଯ୍ୟ, ଅସ୍ଥାୟୀ ଚିକିତ୍ସା ସହାୟକ କେନ୍ଦ୍ର, ଅସ୍ଥାୟୀ ପରିସ୍ରାଗାର, ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟରଖି ପୋଲିସ ଫୋର୍ସ ମୁତୟନ ଆଦି ପ୍ରମୁଖ ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା । ଉକ୍ତ ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲାଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ,ଏନଏସି ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏସଡ଼ିପିଓ ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ଠାକୁର ମାହାଲ ମହାରଣା, ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ଗଣମାଧ୍ୟମ ପ୍ରତିନିଧି, ସେବାୟତ, ଆଇନଜୀବି, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଯାଜପୁର ଧନ୍ଦାମୂଳକ କେନ୍ଦ୍ରରୁ ଉତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୨/୦୬ (ଆ.ପ୍ର) : ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍(ଟିପିଏନଓଡିଏଲ) ପକ୍ଷରୁ ଯାଜପୁର ଧନ୍ଦାମୂଳକ କେନ୍ଦ୍ର(ଭିଟିସି)ରୁ ଉତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ଶେଷର ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଟିପିଏନଓଡିଏଲ ସିଇଓ ଶ୍ରୀ ବସାକ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢ଼ୀଙ୍କୁ ଦିଆଯାଇଥିବା ପ୍ରଶିକ୍ଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ସେ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ଯୁଗ ଉପଯୋଗୀ ଶିକ୍ଷା ସାମାଜିକ ସଶକ୍ତିକରଣର ମୂଳଦୁଆ ଅଟେ । ଧନ୍ଦାମୂଳକ ତାଲିମ ସହ ଆପଣମାନଙ୍କୁ ଏହି ସାର୍ଟିଫିକେଟ ପ୍ରଦାନ ଏକ ଔପଚାରିକତା ମାତ୍ର, ହେଲେ ଆପଣ ଲାଭ କରିଥିବା ଶିକ୍ଷା ଆପଣଙ୍କ ଜୀବନକୁ ସଂଗଠିତ କରିବାରେ ନିଶ୍ଚୟ ସହାୟକ ହେବ । ତେଣୁ ଏହାକୁ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ତେବେ ଯାଜପୁର ଭିଟିସିରୁ ଟେଲରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ୍ ଉପକରଣ ମରାମତି ଏବଂ ବ୍ୟୋକେନ୍ ଇଂରାଜୀ ଆଦି ପାଠ୍ୟକ୍ରମ ସଫଳତାର ସହିତ ସଂପୂର୍ଣ୍ଣ କରିଥିବା ୨୫୦ ଜଣ ପ୍ରଶିକ୍ଷାର୍ଥୀମାନଙ୍କୁ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନଏସଡିସି) ଅନୁମୋଦିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ୬୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ଉତୀର୍ଣ୍ଣ ହୋଇଥିବାବେଳେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇଛନ୍ତି । ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଶନି' ଅଧୀନରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ୨ହଜାରରୁ ଅଧିକ ଯୁବବର୍ଗ ଏଥିରେ ଉପକୃତ ହୋଇଛନ୍ତି ।

ଦ.ପୂ ରେଳ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ... [illegible] ... SI. ନମ୍ବର: ଟେଣ୍ଡର ନମ୍ବର: କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅଗ୍ରୀମ ରାଶି; ... [1]. E-KGP-WEST-20-2025: ... DEN/West/KGP ... MS ... [2]. E-KGP-EAST-43-2025: ... DEN ... KGP ... [3]. E-KGP-... TTR ... (TSR/FS+TWS+WCMSC/WCMS/TWS) ... KGP ... [4]. E-KGP-... ADEN ... KGP ... [5]. E-KGP-South-28-2025: ... RDSO ... CMS ... DEN ... KGP ... [6]. E-KGP-EAST-44-2025. DEN ... KGP ... A/B ... AMTA ... [illegible] ... www.ireps.gov.in ... www.ireps.gov.in ... (PR-223)

ଇଡ଼କୋ ପକ୍ଷରୁ ପ୍ରସ୍ତାବିତ ହୋଟେଲ ଶିଳ୍ପକୁ ବିରୋଧ କଲେ ଗ୍ରାମବାସୀ

ଶିଳ୍ପ ପ୍ରତିଷ୍ଠା ହେଲେ ଗ୍ରାମବାସୀ ତୀବ୍ର ବିରୋଧ କରିବାକୁ ଚେତାବନୀ

ଭୋଗରାଇ, ୦୨/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର ଅନ୍ୟତମ ପ୍ରମୁଖ ପ୍ରାକୃତିକ ଶୋଭା ବିମଣ୍ଡିତ ପର୍ଯ୍ୟଟନସ୍ଥଳୀ ବିଚିତ୍ରପୁର ଇକୋ ଟୁରିଜିମ । ଏହାର ବିକାଶ ପାଇଁ ସରକାର ଅଂଟା ଭିଡିଛନ୍ତି । ଗତ ଗୁରୁବାର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଗସ୍ତ କରି ଇକୋ ଟୁରିଜିମର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ସୁବର୍ଣ୍ଣପୁର ଦୀପକୁ ଯାଇ ବଙ୍ଗୋପସାଗର ଓ ସୁବର୍ଣ୍ଣରେଖାର ମିଳନସ୍ଥଳକୁ ଯାଇ ବନ ବିଭାଗ ଦ୍ୱାରା ସୃଷ୍ଟି ହୋଇଥିବା ଲୁଣି ଜଙ୍ଗଲ ବୁଲି ଦେଖିଥିଲେ । ତେଣୁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଇଡ଼କୋ ପକ୍ଷରୁ ହୋଟେଲ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଗତ ୨ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତାଳସାରୀ ଗସ୍ତ ସମୟରେ ବିଚିତ୍ରପୁର ଇକୋ ଟୁରିଜିମର ବିକାଶ ନେଇ ଆଲୋଚନା କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଇଡ଼କୋ ଡିଭିଜୋନାଲ ମୁଖ୍ୟ ସ୍ମୃତିରଞ୍ଜନ ମଲ୍ଲିକଙ୍କ ସହିତ ଆଲୋଚନା କରି ତୁରନ୍ତ ହୋଟେଲ ନିର୍ମାଣ ପାଇଁ ଆବଶ୍ୟକୀୟ ଜାଗା ଯୋଗାଇ ଦେବେ ବୋଲି କହିଥିଲେ । ଏହି ଖବର ପ୍ରଚାରିତ ପରେ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଉତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ବିଚିତ୍ରପୁର ଇକୋ ଟୁରିଜିମ ପ୍ରାୟ ଆଠ ଶହ ହେକ୍ଟର ଜାଗାକୁ ନେଇ ପର୍ଯ୍ୟଟନ ସ୍ଥଳୀ । ଏହି ସବୁ ଜାଗାରେ ପ୍ରାୟ କାନ୍ଥିଭଇଁରୀ ପଂଚାୟତର ରଣସିଂହପୁର, ବଡ଼ପାହି, ବିଚିତ୍ରପୁର ଓ ଶ୍ରଦ୍ଧାପୁର ପଂଚାୟତର ଖଡ଼ିବିଲ ଆଦି ଗ୍ରାମର ଅଧିକାଂଶ ଗରିବ, ଖଟିଖିଆ, ଭୂମିହୀନ ପରିବାର ସ୍ଥାୟୀ ଭାବରେ ପ୍ରାୟ ପଚାଶ ବର୍ଷରୁ ଅଧିକ ହେବ ବସବାସ କରିଆସୁଛନ୍ତି । ସେମାନେ ସେହି ସବୁ ଜାଗାରେ ଧାନ, ଚିନା ବାଦାମ, ତିଳ ଆଦି ଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । ଇଡ଼କୋ ପକ୍ଷରୁ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେବା ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ରବିବାର ସକାଳେ ଶହ ଶହ ମହିଳା, ପୁରୁଷ ମେଳି ବାନ୍ଧି ବଡ଼ପାହି ଗ୍ରାମର ମଠ ବାଡ଼ି ଛକ ଠାରେ ସରକାରଙ୍କର ଉକ୍ତ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ବିରୋଧ କରିଛନ୍ତି । ସେମାନେ ପ୍ରକାଶ କରିଛନ୍ତି ଯେ, ଆମେ ହୋଟେଲ ଶିଳ୍ପକୁ ବିରୋଧ କରୁନାହୁଁ ମାତ୍ର ପଚାଶ ବର୍ଷର ଭାତ ହାଣ୍ଡି ଆମର ଜୀବନ ଜୀବିକା ଚାଷ ଜମି ଉପରେ ହୋଟେଲ ଶିଳ୍ପ ପ୍ରତିଷ୍ଠା ନକରି ଅନ୍ୟତ୍ର କରାଯାଉ । ଏହାଯଦି ନ ହୁଏ ତାହାହେଲେ ଆମେ ଏହାକୁ ତୀବ୍ର ବିରୋଧ କରିବୁ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ସମାଜସେବୀ ବଳରାମ ପାତ୍ର, ଶମ୍ଭୁନାଥ ମାଝୀ, ରାଜକୁମାର ପାତ୍ର, ଘନଶ୍ୟାମ ନାୟକ, ଶ୍ରୀମତୀ ପଟ୍ଟାୟତ, ମହେନ୍ଦ୍ର ମଲ୍ଲିକ, ପ୍ରତିମା ମଣ୍ଡଳ, ଝରଣା ମଲ୍ଲିକ, ସୁଚିତ୍ରା ଦଳାଇ, କୃଷ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଘରପୋଡ଼ି ଯାଇଥିବା ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ବିଧାୟକ

ନୀଳଗିରି, ୦୨/୦୬ (ଆ.ପ୍ର) : ଆଜି ଅପରାହ୍ନରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ଗ୍ରାମପଂଚାୟତର କାହୁଆଣୀ ଗ୍ରାମରେ ଉପେନ୍ଦ୍ର ବାଗଙ୍କ ଘରଟି ସମ୍ପୂର୍ଣ ପୋଡ଼ି ଯାଇଥିଲା । ଉକ୍ତ ଖବର ପାଇ ସ୍ଥାନୀୟ ସମିତି ସଭ୍ୟ ଛନ୍ଦାରାଣୀ ପଣ୍ଡା, ଦଳୀୟ କର୍ମକର୍ତା ଅଭୟ ବାରିକ ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ମାନ୍ୟବର ନୀଳଗିରି ବିଧାୟକ ପହଂଚି, ସେ କିଭଳି ସରକାରୀ ସୁବିଧା ସୁଯୋଗ ପାଇପାରିବେ ସେ ବିଷୟରେ ବିଭାଗୀୟ କର୍ତୃପକ୍ଷଙ୍କୁ ଜଣାଇବା ସହିତ ତତ୍କାଳ କିଛି ଆର୍ଥିକ ସାହାଯ୍ୟ କରି ଥିବା ଜଣାଯାଇଛି ।

ଆରପାରିରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଧର ଦାସ

ନୀଳଗିରି,୦୨/୦୬ (ଆ.ପ୍ର) : ଆଉ ନାହାନ୍ତି ଶ୍ରୀଧର ସାର୍ । ଦୀର୍ଘଦିନ ଧରି ରୋଗଶଯ୍ୟାରେ ପୀଡିତ ଥାଇ ଗତ ରବିବାର ସନ୍ଧ୍ୟା ୭ଟା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି । ୧୯୪୨ମସିହା ଫେବୃଆରୀ ୨୫ତାରିଖ ନୀଳଗିରି ବ୍ଲକ କାଂଶ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଦାସ ପେଶାରେ ଶିକ୍ଷକ ଥିଲେହେଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ । ସେତେବେଳେ ଜଣେ ଉଚ୍ଚକୋଟିର ଆଥଲେଟ୍ ଭାବରେ ଜିଲ୍ଲା ସହିତ ସମଗ୍ରରାଜ୍ୟରେ ସୁନାମ ଅର୍ଜନ କରିଥିଲେ । ଯୁବାବସ୍ଥାରେ ଫୁଟବଲରେ ବିଭିନ୍ନ ସ୍ଥାନରେ ଉନ୍ନତଖେଳ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ । ଶ୍ରୀ ଦାସ ୨୦୦୦ମସିହାରେ ନରସିଂହପୁର ନୋଡାଲ ସ୍କୁଲରୁ ଶିକ୍ଷକତା ଜୀବନୀରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ତ୍ରୀ ତିଳୋତମା ଦାସ , ବଡ଼ପୁଅ ବିଜୟ, ମଝିଆପୁଅ ପ୍ରମୋଦ , ଏବଂ ସାନପୁଅ ରାଜେଶ ମରଶରୀର ନିକଟରେ ଉପସ୍ଥିତ ଥିବାବେଳେ ନାତି ନାତୁଣୀ, ଜ୍ଞା, ପ୍ରିୟଜନ ଉପସ୍ଥିତରହି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଖବରପାଇ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଶ୍ରୀ ଦାସଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ ।

ସିପିଆଇଏମ ନୀଳଗିରି ଆଂଚଳିକ କମିଟି ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନୀଳଗିରି, ୦୨/୦୬ (ଆ.ପ୍ର) : ଉତର ଓଡ଼ିଶା ର ପ୍ରସିଦ୍ଧ ଶୈବପୀଠ ପଂଚଲିଙ୍ଗେଶ୍ୱର ସାରା ଭାରତ ବର୍ଷରେ ପ୍ରସିଦ୍ଧ ଅଟେ । ପ୍ରତିବର୍ଷ ଏଠାକୁ ହଜାର ହଜାର ତୀର୍ଥ ଯାତ୍ରୀ ଆସିଥାନ୍ତି । ବର୍ତମାନ ପଂଚଲିଙ୍ଗେଶ୍ୱରକୁ ଯିବାକୁ ରାସ୍ତାର ପରିସ୍ଥିତି କହିଲେ ନ ସରେ । ଗାଡିରେ ଯିବା ତ ଦୂରର କଥା, ଖାଲି ପାଦରେ ଯାଇ ହେଉ ନାହିଁ । ଏଥି ପାଇଁ ସିପିଆଇ (ଏମ)ସହିତ ବହୁ ସଂଗଠନ ରାଜରାସ୍ତାକୁ ଜଳଦାଇ ଛନ୍ତି । ପ୍ରଶାସନ ତରଫରୁ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳେ । କିନ୍ତୁ ସଠିକ କାର୍ଯ୍ୟ ହୁଏ ନାହିଁ । ଉକ୍ତ ରାସ୍ତାରେ ଭାରୀ ଯାନ ଯାତାୟତ କରିବା ଫଳରେ ରାସ୍ତାର ପରିସ୍ଥିତି ବହୁ ଖରାପ ହୋଇ ଯାଇଛି । ଫଳରେ ଉକ୍ତ ରାସ୍ତା ଦେଇ ଯାଉ ଥିବା ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତାକୁ ଯଥାଶୀଘ୍ର ମରାମତି ସହିତ ଭାରୀ ଯାନକୁ ଚଳା ଚଳ ବନ୍ଦ ପାଇଁ ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ଦେଇଛନ୍ତି । ପ୍ରତିନିଧି ଦଳ ରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ମୃତ୍ୟୁଞ୍ଜୟ ନାୟକ, ହେମେନ୍ଦ୍ର ସେଠୀ, ଗଙ୍ଗାଧର ମହାନ୍ତି, ରବିନ୍ଦ୍ର ରଣା, ନାରାୟଣ ମଲ୍ଲିକଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଉକ୍ତ ଦାବୀକୁ ଗୁରୁତ୍ୱର ସହିତ ନେଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କୁ ୧୫ ଦିନ ଭିତରେ ପୂରଣ ପାଇଁ ଦାୟିତ୍ୱ ଦେଇଛନ୍ତି । ଯଦି ୧୫ ଦିନ ମଧ୍ୟରେ ରାସ୍ତା ମରାମତି ନ ହୁଏ, ତେବେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଚେତାବନୀ ଦେଇଛନ୍ତି ।

ବିକଶିତ କୃଷି ସଂକଳ୍ପ ଅଭିଯାନର ସଚେତନତା ଶିବିର

ଜଳେଶ୍ୱର,୦୨/୦୬ (ଆ.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଂଚାୟତ ସ୍ଥିତ କୋଟସାହି ସ୍କୁଲ ପଡ଼ିଆରେ ରବିବାର ଅପରାହ୍ନ ୩ ଘଟିକା ସମୟରେ ଭାରତ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନର ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ବାଲିଆପାଳ ସହଯୋଗରେ କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ନୂତନ ଜ୍ଞାନ କୌଶଳର କୃଷି କ୍ଷେତ୍ରରେ ଉପଯୋଗ କରି କୃଷିର ଉନ୍ନତି ଆଣିବାରେ ଉକ୍ତ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । କୃଷି କ୍ଷେତ୍ରରେ ଉପଯୋଗ ହେଉଥିବା ସମୟ ଉପଯୋଗୀ ନୂତନ ଜ୍ଞାନ କୌଶଳ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରାମ ପଂଚାୟତର ୨୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଉକ୍ତ ସଚେତନତା ଶିବିରରେ ଆଲୋଚନା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାଲିଆପାଳ କୃଷି ବୈଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡକ୍ଟର ଓମପ୍ରକାଶ ବର୍ମା, ଡକ୍ଟର ସ୍ୱାଗତିକା ସାହୁ, ବାଲେଶ୍ୱର ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ସୌମ୍ୟାଚ ବେହେରା, ବୈଷୟିକ କୃଷି ସହ ପରିଚାଳକ ରାଜକିଶୋର ଦାସ, ଏଓ ଗୋବିନ୍ଦ ମାଝୀ, ଗ୍ରାମ୍ୟ କୃଷି କର୍ମଚାରୀ ସେକ ଅବଦୁଲ ରାଜନ, ଶ୍ରୀମନ୍ତ ଜିସ୍କୁ ଓ ରତିକାନ୍ତ ମହାନ୍ତି, କୃଷକସାଥି ନୃସିଂହ ପରିଡ଼ାଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କୃଷିର ନୂତନ ଜ୍ଞାନ କୌଶଳ ବିଷୟରେ ଚାଷୀଙ୍କ ସହ ଆଲୋଚନା କରିବା ସହିତ ସଚେତନ କରିଥିଲେ । ଉପସ୍ଥିତ ଚାଷୀଙ୍କ ମଧ୍ୟରୁ ସୁଶାନ୍ତ କୁମାର ସେଠୀ, ଗଙ୍ଗା ନାରାୟଣ ଦାସ ମହାପାତ୍ର ଓ ଅନ୍ୟ କେତେଜଣ ଚାଷୀ ଗ୍ରାମ ପଂଚାୟତରେ ଅଳାବୀ ବିକ୍ରି ପାଇଁ ଶୀତଳ ଭଣ୍ଡାର ଆବଶ୍ୟକ ଥିବା ବେଳେ ରାସାୟନିକ ସାର ବ୍ୟବହାର ପାଇଁ ଚାଷ ଜମି ନଷ୍ଟ ହେଉ ଥିବାରୁ ଜୈବିକ ସାର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ।

ବିଜେଡି ରାଜ୍ୟ ସଂଖ୍ୟାଲଘୁ ସେଲର ଉପସଭାପତି ପଦରୁ ଶେଖ ଅବଦୁଲ ଗନୀ ହୋସେନଙ୍କ ଇସ୍ତଫା

ଜଳେଶ୍ୱର, ୦୨/୦୬ (ଆ.ପ୍ର) : ବିଜୁ ଜନତା ଦଳ ରାଜ୍ୟ ସଂଖ୍ୟାଲଘୁ ସେଲର ଉପସଭାପତି ତଥା ଜଳେଶ୍ୱରର ପୁଅ ଶେଖ ଅବଦୁଲ ଗନୀ ହୋସେନ ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି । ଶ୍ରୀ ହୋସେନ ଦଳର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ । ଦଳ ଯେତେବେଳେ ଯେଉଁ କାମ ଦେଉଛନ୍ତି, ସେ ସୂଚାରୁରୂପେ କରି ଆସୁଥିଲେ । କିନ୍ତୁ ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅଣଦେଖା କରିବା ଏବଂ ଯେଉଁମାନେ ଦଳ ପାଇଁ କିଛି କାମ କରୁନାହାଁନ୍ତି କେବଳ ସାଂସଦ ଓ ବିଧାୟକମାନଙ୍କ ପାଖରେ ଛିଡ଼ାହୋଇ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ି ବାହାବା ନେଉଥିଲେ ଓ ନେତାଙ୍କ ସୁପାରିଶରେ ବିଭିନ୍ନ ଉଚ୍ଚ ପଦବୀରେ ରହି ଫାଇଦା ହାସଲ କରୁଛନ୍ତି । କିନ୍ତୁ ସେମାନେ ଗ୍ରାମରେ ଗୋଟିଏ ସଭା ଡାକିବାର କ୍ଷମତା ନାହିଁ । ସେମାନଙ୍କୁ ଦଳ ଅଗ୍ରାଧିକାର ଦେଉଛି । ଶ୍ରୀ ହୋସେନ ୧୯୯୦ ମସିହାରୁ ଜନତା ଦଳ ପରେ ବିଜୁ ଦଳରେ ରହି କାମ କରି ଆସୁଥିଲେ । କିନ୍ତୁ ଦଳର ବରିଷ୍ଠ ନେତାମାନଙ୍କ ଅଣଦେଖା ଓ ଦଳର ସଭା ସମିତିକୁ ନ ଡାକିବା କାରଣରୁ ଶ୍ରୀ ହୋସେନ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ପତ୍ରକୁ ଦଳର ସଭାପତି ନବୀନ ପଟ୍ଟନାୟକ ଗ୍ରହଣ କରିବେ ବୋଲି ଶ୍ରୀ ହୋସେନ ଆଶାବ୍ୟକ୍ତ କରିଛନ୍ତି ।

ପଂଚୁଲିଙ୍ଗ କପିଳେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଦିବସରେ ଯଜ୍ଞାଦି କର୍ମ ଓ ଶତାଧିକ ମହିଳାଙ୍କ କଳସି ଯାତ୍ରା

ଜଳେଶ୍ୱର, ୦୨/୦୬ (ଆ.ପ୍ର) :ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଂଚାୟତର ମହାନ୍ତିସାହି ଗ୍ରାମସ୍ଥ ପଂଚୁଲିଙ୍ଗ କପିଳେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସୋମବାର ପୂର୍ବାହ୍ନ ୯ ଘଟିକା ସମୟରେ ଗ୍ରାମର ମହିଳା ମାନେ ୧୦୮ କଳସ ମୁଣ୍ଡରେ ନେଇ ବାଜା ରୋଶଣୀ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ଯାଇ କମଳପୁର ବିଶ୍ୱନାଥ ଏକାଡେମୀ ସନ୍ନିକଟ ସୁବର୍ଣ୍ଣରେଖା ନଦୀ ଘାଟରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଘଟୋତଳନ କରି ପୁଣି ମନ୍ଦିର ପାଖକୁ ପାଣି ଧରି ଆସିଥିଲେ । ମନ୍ଦିର ନିକଟରେ ପାଣି ରଖିବା ପରେ ମହିଳା ମାନଙ୍କ ପାଇଁ ଗ୍ରାମର ଯୁବକମାନଙ୍କ ଦ୍ୱାରା ଫଳ, ମୁଗବୁଟ, ଛତୁଆ, ଦହି ସରବତ ଓ ଥଣ୍ଡା ପାନୀୟ ବ୍ୟବସ୍ଥା କରା ଯାଇଥିଲା । ପରେ ମନ୍ଦିରର ପ୍ରତିଷ୍ଠା ପାଇଁ ପଣ୍ଡିତ ନରହରି ପତିଙ୍କ ନେତୃତ୍ୱରେ ୧୪ ଜଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞାଦି କର୍ମ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟରେ ଗ୍ରାମର ବରିଷ୍ଠ ବ୍ୟକ୍ତି କୁଞ୍ଜ ବିହାରୀ ଦାସ ଓ ନୂତନ ବୃଷଭ ଦାତା ଉତ୍ତମ କୁମାର ଦାସ ସଂକଳ୍ପ ହୋଇଥିଲେ । ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ପାଇଁ ସନ୍ଧ୍ୟାରେ ଖେଚୁଡ଼ି ଭୋଗ ସେବନ କରିଥିଲେ । ସେହିଭଳି ମଙ୍ଗଳବାର ମା ଶୀତଳାଙ୍କ ଆଗମନ ହୋଇ ପୂଜାର୍ଚ୍ଚନା କରାଯିବା ସହିତ ମହାନ୍ନ ବ୍ୟବସ୍ଥା କରାଯିବ । ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ମୁଖ୍ୟ ଦେବବ୍ରତ ନନ୍ଦ, ପ୍ରବୀର କୁମାର ଦାସ, ସାବିତ୍ରୀ ଦାସ, ବିନୋଦ କୁମାର ଗିରି, ନନି ଗୋପାଳ ଦାସ, ବିଦୁଭୂଷଣ କାନଗୋ, ସପନ କୁମାର ଦାସ, ଭଗିରଥ ପାଳ, ମାଧବାନନ୍ଦ ପରିଡ଼ା, ମନୋରଞ୍ଜନ ଦଳାଇ, ପ୍ରକାଶ ବେହେରା, ପୁରୁଷୋତ୍ତମ ବେହେରା, ବରେନ୍ଦ୍ର ଦାସ, ହରିବନ୍ଧୁ ଜେନା, ନିତ୍ୟଗୋପାଳ ରାଉଳ, ଧନଞ୍ଜୟ ପାଳ, ଜଳଧର ଜେନା, ପ୍ରଶାନ୍ତ ଜେନା, ହରେନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ବେହେରା, ରତ୍ନାକର ବେହେରା, ବୈଦ୍ୟନାଥ ରାଉତ, ନବକୁମାର ମହାନ୍ତି, ହରିଶଙ୍କର ଦାସ ଓ ରବିନ୍ଦ୍ର ବେହେରା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

ସେଇଥୋ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୩ ଜୁନ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସମ୍ଭବ

ଜୀବନରେ ପରିଲକ୍ଷିତ ଚାରୋଟି ଅବସ୍ଥା ମଧ୍ୟରୁ ଯୌବନ ଅବସ୍ଥା ହେଉଛି ସବୁଠାରୁ ଶ୍ରେଷ୍ଠ ଅବସ୍ଥା । ସେ ପୁଅଟିଏ ହେଉ କିମ୍ବା ଝିଅଟିଏ ଯୌବନାବସ୍ଥାରେ ଗତି କରିବା ଏତେ ସହଜ କଥା ନୁହଁ । ପୁଅ ଏବଂ ଝିଅ ଉଭୟ ଯୁବ ସମାଜର ଅନ୍ତର୍ଭୁକ୍ତ । ଋତୁ ଚକ୍ରରେ ଋତୁ ବଦଳିବା ଭଳି କେତେବେଳେ ଯେ ଏମାନଙ୍କର ମନ ବଦଳିଯାଏ, ତାହା ଜାଣିବା ବଡ଼ କଷ୍ଟକର ବ୍ୟାପାର । ବସନ୍ତର ଆଗମନରେ ତରୁଲତାରେ ନୂତନ ପୁଲକ ଜାଗି ଉଠିଲା ଭଳି ଯୌବନ କାଳ ଆସିଲେ ଯୁବକ ଏବଂ ଯୁବତୀଙ୍କର ମନ ପ୍ରାଣରେ ନୂତନ ରୋମାଞ୍ଚ ସୃଷ୍ଟି ହୁଏ । ଏହି ଅବସ୍ଥାରେ ଯୁବ ସମାଜରେ ଭୟ, ଆନନ୍ଦ ଓ ବିସ୍ମୟ ମିଶ୍ରିତ ଏକ ଅଦ୍ଭୁତ ଧରଣର ଭାବ ସୃଷ୍ଟି ହୁଏ । ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ । ରାଷ୍ଟ୍ରର ବିକାଶରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିର ଆବଶ୍ୟକତା ଉପଲବ୍ଧି କରାଯାଏ । କୃଷି, ଶିଳ୍ପ, ଗବେଷଣା, ପ୍ରତିରକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଯୁବ ସମାଜର ଅବଦାନ ରହିଲେ ରାଷ୍ଟ୍ର ବିକାଶରେ ଅଗ୍ରଗତି ହୋଇଥାଏ । ମାତ୍ର ଯେଉଁ ସମୟରେ ଏମାନେ ପରିବାରର ତଥା ରାଷ୍ଟ୍ରର ଦାୟିତ୍ୱ ନେବା କଥା ଠିକ୍ ସେହି ଯୁବାବସ୍ଥା ସମୟରେ ଅଧିକାଂଶ ଯୁବକ ଏବଂ ଯୁବତୀ ପଥଭ୍ରଷ୍ଟ ହୋଇଯାନ୍ତି । ସୌନ୍ଦର୍ଯ୍ୟତା ପ୍ରତି ଏମାନଙ୍କର ଆକର୍ଷଣ ବଢ଼ିଯାଏ । ଏମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରତି ମୋହ ଜାତ ହୁଏ । ଆପଣାର ଶାରୀରିକ ଶୋଭା ଯେତିକି ଯେତିକି ବଢ଼ିଚାଲେ, ବାହ୍ୟ ଜଗତର ରୂପର ମୋହରେ ଯୁବ ସମାଜ ସେତିକି ସେତିକି ଆକୃଷ୍ଟ ହୁଏ । ଦୁନିଆର ରୂପ ଓ ରଙ୍ଗ ସବୁକିଛି ନୂଆ ନୂଆ ଅନୁଭବ ହୁଏ । ନୂଆ ନୂଆ ଅନୁଭୂତିରେ ସେମାନେ ସିକ୍ତ ହୋଇ ଉଠନ୍ତି । ଉଚ୍ଛୁଳା ନଈ ପରି ଉଚ୍ଛୁଳି ଉଠନ୍ତି ସେମାନେ, କାହିଁ କେତେ କଳ୍ପନାର କୁଆର ସୃଷ୍ଟି ହୁଏ ମନ ମଧ୍ୟରେ, କେତେ କେତେ ସ୍ୱପ୍ନରେ ସେମାନଙ୍କର ମନ ଉଦ୍‌ବେଳିତ ହୋଇ ଉଠେ ମଧ୍ୟ, ସ୍ୱପ୍ନରେ ବିଭୋର ହୋଇ ଉଠନ୍ତି ଯୁବ ସମାଜ । ସେମାନେ ବୁଝିପାରନ୍ତି ନାହିଁ ଯେ ମଧୁମୟ ଯୌବନ ଚିରଦିନ ରହେ ନାହିଁ । ଏବଂ ଏହି ଅବୁଝାପଣରୁ ହିଁ ଅନେକ ଭୁଲ୍ ବାଟରେ ଗତି କରି ଆପଣାର ଜୀବନକୁ ବିପଦରେ ପକାନ୍ତି । ଯୁବ ସମାଜ ନିକଟରେ ବେଳେବେଳେ ଯୌବନାବସ୍ଥା ହିଁ ସେମାନଙ୍କୁ ସଙ୍କଟରେ ପକାଇଥାଏ । କୁଶିକ୍ଷା ଗ୍ରହଣ ନକରି ସୁଶିକ୍ଷା ଗ୍ରହଣ କରି ସତ୍ ମାର୍ଗରେ ଯିବା ଉଚିତ୍ । ସଦୁପଦେଶ ବିନା ପଥହରା ହେଲେ ଯୁବ ସମାଜକୁ କେହିବି ଠିକ୍ ବାଟରେ ଆଣିବା ସମ୍ଭବ ନୁହଁ ।

କରି କରାଉଥାଏ ମୁହିଁ

॥ ଅଜୟ କୁମାର ବେହେରା ॥

ପ୍ରଭୁ କରନ୍ତି, ପୁଣି କରାନ୍ତି ସେହି କେବଳ ମୁଁ ଉଚ୍ଚାରଣ କରିପାରନ୍ତି । ମୁଁ କୁ ଇଂରାଜୀରେ ଆଇ କୁହାଯାଏ । ମୋରକୁ ମାଇଁ କୁହାଯାଏ । ଆଇ ଅକ୍ଷର ଏକ ଶାଳକା, ଆକାର ଉର୍ଦ୍ଧ୍ୱରେ ଲାଠିଖାଡନ । ଦୃଶ୍ୟରେ ଏକ ଲମ୍ବ କାଗଜର ଖାମ ଗୋଟିଏ ବହି, ଗୋଟିଏ ଆଲମିରା, ଗୋଟିଏ ଖାତା ଗୋଟିଏ କଲମ, କୌଣସି ଖୁଣ୍ଟ ପିଲାର । ଏକ ପିଲାର ଖମ୍ବକୁ ଦେଖାଇ ରାଜା – ପ୍ରଜା, ବାପ–ପୁଅ, ବର୍ତ୍ତମାନ–ଭବିଷ୍ୟତରେ ଏଇ ଆଇ ଉପରେ ଆସିଥିଲା ତର୍କ । ରାଜା, ପିତା, ବର୍ତ୍ତମାନ ପ୍ରଶ୍ନ କରୁଛି କିଏ ସେ ଭଗବାନ କେଉଁଠି ତାର ବାସ କେଉଁଠି ସେ ଅଛି ? ପ୍ରଜା, ପୁଅ, ଭବିଷ୍ୟତ କହୁଛି, ଏହି ଖମ୍ବରେ ସେ ବି ଅଛନ୍ତି, ହେଲେ ସେ ସର୍ବତ୍ର ଅଛନ୍ତି ଆମର ଆମର ଏହି ସନ୍ନିକଟ ସ୍ତମ୍ଭରେ ସେ ଅଛନ୍ତି । ସେ ଆମକୁ ରକ୍ଷା କରନ୍ତି । ଏ ଖମ୍ବ ବି ଘରକୁ ଟେକିଧରି ଆମକୁ ଖରାବର୍ଷା, ଚୋର ଭୟରୁ ରକ୍ଷା କରୁଛି । ମଦାନ୍ଧ ବା ରାଜଶକ୍ତିର ମୁଖ୍ୟାଧିକାରୀର ଅହଂ, ମୁଁ ତୋର ବାପା ମୋର ଉଚ୍ଚାରଣ ଭୁଲ ହେଲେ ବି ତୋତେ ମାନିବାକୁ ହେବ । ଏଥିରେ ସେ ବିନମ୍ରରେ ଅସ୍ୱୀକାର କରିଥିଲେ । କାରଣ ଈଶ୍ୱର ହିଁ ସତ୍ୟ ।

ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ଆସୀନ । ଏ ମଧ୍ୟରେ ଜଗନ୍ନାଥଙ୍କ ବାମପଟରେ ସୁଦର୍ଶନ । ସୁଦର୍ଶନ ଦାରୁନିର୍ମିତ ବିଗ୍ରହ, ଯେ ଏକ ଦଣ୍ଡବୃତ୍ତି ବିଗ୍ରହ, ଯେ ଇଂରାଜୀରେ ଆଇ ଅକ୍ଷର ପରି ରହିଛନ୍ତି । ଶାସ୍ତ୍ରମତ ପ୍ରଭୁଙ୍କ ହାତର ଆୟୁଧ ସୁଦର୍ଶନ ଚକ୍ର, ମାତ୍ର ଏଠାରେ ଭକ୍ତ ଦର୍ଶନରେ ଓ ଭକ୍ତ ରକ୍ଷଣରେ ସେ ଦଣ୍ଡ ଭାବିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ । ଚକ୍ର କେମିତି ଦଣ୍ଡ ଆକୃତିର ପୂଜିତ । ମାମେକଂ ଶରଣଂବ୍ରଜ । ଗୀତାରେ ଭଗବାନ ଏ କଥା ଅର୍ଜୁନଙ୍କୁ ସମ୍ମୁଖରେ ରଖି ସମସ୍ତ ଭକ୍ତମାନଙ୍କୁ ଆହ୍ୱାନ କରୁଛନ୍ତି । ପ୍ରଭୁଙ୍କ ଆୟୁଧର ତେଜ ସର୍ବେ ଜାଣନ୍ତି । ସେତ ଆଇ ଅକ୍ଷର ତାଙ୍କର ମୁଁ ତ୍ୱ କିନ୍ତୁ ବିକାରଯୁକତ, କାରଣ ସେ ହିରଣ୍ୟକଶିପୁ ରାକ୍ଷସ ମାରଣରେ ପ୍ରଭୁଙ୍କୁ ସହାୟତାରେ ନଥିଲେ । ତେବେ ସେ ହାତ ନଥିବା ଯୋଗମାୟା । ସୁଭଦ୍ରାଙ୍କର ରଥରେ ସେ ଗୁଣ୍ଡିଚା ଯାତ୍ରାରେ ବାହାରନ୍ତି ଲୋକେ ତାଙ୍କର ପହଣ୍ଡି ଦେଖନ୍ତି । ଲୋକେ ତାଙ୍କୁ ଅପୂର୍ବ କ୍ଷମତା, ଜଗନ୍ନାଥଙ୍କର ବାମାଙ୍ଗରେ ରହି ସର୍ବତ୍ର କର୍ମମୁଖର ସେ ସୁଦର୍ଶନ ଚକ୍ର ଯେ ଉତ୍ତମ ଦେଖିପାରନ୍ତି । ଦେବ ଶକ୍ତି ବିରୁଦ୍ଧାଚାରୀଙ୍କୁ ସେ ସନାକ୍ତ କରନ୍ତି । ରାଜା ଅମ୍ବରୀଶଙ୍କ ଏକାଦଶୀ ବ୍ରତ ପାଳନ ବାରଣରେ ପ୍ରତିବନ୍ଧକ ସାଜିଥିବା ଦୁର୍ବାସା ପରି ସିଦ୍ଧ ଋଷିଙ୍କୁ ସେ ଛାଡ଼ି ନଥିଲେ । ଏମିତିକି ଦ୍ୱାପର ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ପୁତ୍ର ପ୍ରଦ୍ୟୁମ୍ନଙ୍କୁ ନାଶ ପାଇଁ ପ୍ରୟୋଗ ପାଇଁ ଆଦେଶ ବାଧ ହୋଇ ମାନିଲେ ବି ଆଉ ଶ୍ରୀକୃଷ୍ଣଙ୍କ ପାଖକୁ ଫେରି ନଥିଲେ । ସେ ଅନ୍ୟାୟ ସହ୍ୟ କରିପାରନ୍ତି ନାହିଁ । ଚକ୍ର ଘୂରୁଛି, କେତେଚକ୍ର ଘୂରୁଛି ସେକେଣ୍ଡର ଚକ୍ରଥରେ ୩୬୦ ଅଂଶ ଘୂରିଲେ ମିନିଟ ଚକ୍ର ଏକ ଅଂଶ ବା ଏକ ଘଣ୍ଟା ଯାଏ । ଏମିତି କ୍ରମରେ ବର୍ଷ ସମ୍ବତ୍ସର, ଶାଳାହ ଯୁଗରେ ଯୁଗ କଳ୍ପ କଳ୍ପ ସମୟ ମହାଚକ୍ରକୁ ଏଇ ସୁଦର୍ଶନ ଚକ୍ର ଅବଲୋକ କରିଚାଲିଛି । ତାଙ୍କର ଯେ ବିଶ୍ରାମ ନାହିଁ ଯେ ଅନ୍ୟାୟ ଅନିତି କଲା ସେ ସେ ଚକ୍ରରେ ଛେଦ ହେବ ହିଁ ହେବ । ସେ କହିପାରନ୍ତି ବଙ୍ଗଳାରେ 'ଆମାର ଆମି' ଓଡ଼ିଆରେ 'ମୋର ମୁଁ', ଏଇ ଆଇ ଅକ୍ଷର ସଦୃଶରେ ପ୍ରତିଷ୍ଠାର ସାଫଲ୍ୟ ମିଳୁଛି ।

କିଏ ରହିବ ସାରା ପୃଥିବୀକୁ ଭୋଗ କରିବ, ପୃଥିବୀ ତ ଏକ ପିଣ୍ଡୁଳା ମାଟିର ପିଣ୍ଡୁଳା, କୁମ୍ଭକାର ଚକ୍ରରେ ମାଟି ପିଣ୍ଡୁଳା ଘୂରିବା ପରି ଏ ମାଟି ଘୂରୁଛି । ଏଠାରେ ସୁଦର୍ଶନଙ୍କର ଲୀଳା ରହିଛି । କୁମ୍ଭକାର ଚକ୍ର ଯେ ସୁଦର୍ଶନଙ୍କର ଧର୍ମୀ । ଭଗବାନ ଚକ୍ରୀ ଆଉ କୁମ୍ଭକାର ବି ଚକ୍ରୀରେ ଡକାପଡନ୍ତି । ମାଟି ପାଇଁ କେତେ ଝଗଡ଼ା ରକ୍ତପାତ ଚାଲି ଆସୁଛି, ଚାଲିଛି, ଚାଲିବ ଏହା ଅସରନ୍ତି । ମାଟିରୁ କେତେ ଘଟ ଏ ଘଟମାନେ ସମୟକୁ ଭାଙ୍ଗୁଛନ୍ତି ନଷ୍ଟ ହେଉଛି । ସମସ୍ତେ ଖପରା ଦେଖୁଛନ୍ତି ତଥାପି ଲୋଭ ଛାଡ଼ୁନାହିଁ । ଏକ ପେଟ ପାଇଁ କେତେ ଖାଇବେ ଏକଥା ଭାବୁନାହାନ୍ତି ? ଜଣେ ରାଜନେତ୍ରୀଙ୍କର ଘର ରେଡ଼ ବେଳେ ମିଳିଥିଲା ୫୦୦ ହଳ ଚପଲ ଜୋତା, ଜଣେ ଲୋକ କେତେ ବେଳେ ଏହା ପିନ୍ଧନ୍ତି । ସେ ଚାଲିଗଲାପରେ କଣ ତାଙ୍କ ଚପଲର ପ୍ରଦର୍ଶନୀ ଲୋକେ ଦେଖିବେ କି ? ଏକ ଶୟନ କକ୍ଷରେ ଏକ ପଲଙ୍କ ଖଟରେ ବ୍ୟକ୍ତିର ରାତ୍ରୀଯାପନ ବିଶ୍ରାମ ତେବେ ଶହ ଶହ ଦାମୀ ପଲଙ୍କର ମାଲିକ ହୋଇ କଣ ଫାଏଦା ? ସମଗ୍ର ଭାରତ ବର୍ଷ ଜଣେ ପ୍ରଧାନମନ୍ତ୍ରୀ ଜଣେ ରାଷ୍ଟ୍ରପତି ଜଣେ ପ୍ରଧାନ ବିଚାରପତି, ଯଦି ସମସ୍ତେ ନିଜକୁ ଏ ପଦବୀ ଧାରୀ ହେବାକୁ ଚାହିଁବେ ଏହା କି ସମ୍ଭବ ? ମାଟି ଦଖଲ ଚିନ୍ତା ସହିତ ପଦବୀ ଦଖଲ ଚିନ୍ତା ଏ ପାଇଁ ତପସ୍ୟା ଦରକାର ସାଧନା ଦରକାର ଏହା ନକରି ଛନ୍ଦଣ ମନ୍ଦଣ ପଥରେ ଗଲେ ଆୟୁ ଅଛି ତ ? ଏକଥାରେ ସେହି ଭାବନା ଆସୁଛନ୍ତି ପତଙ୍ଗ ପ୍ରଦୀପରେ ଝାସ ଦେଲାପରି ଅବସ୍ଥା ଆସୁଛନ୍ତ । ଏହା ଭଲେ ! ଟିକେ ସ୍ଥିରଚିତ୍ତ ହୁଅ ସମସ୍ତେ ସୀମାରେ ରୁହ ସେ କରନ୍ତି କରାନ୍ତି ଏହା ଦୃଢ଼ ଭାବରେ ଜାଣ ତାଙ୍କ ସୁଦର୍ଶନ ସବୁ ଦେଖୁଛି ସବୁ ଅପାର୍ଥକୁ ଟାକୁଛି ଚଳାଉଛି । କ୍ୟାମେରା ଅର୍ଥବ ହେଲେ ସୁଦର୍ଶନ ଅଥର୍ବ ପରି ରହିଲେ ବି ତାର କାର୍ଯ୍ୟକାରୀ ଶକ୍ତି ପ୍ରଚଣ୍ଡ । ହୁଏତ ଯୁଗର ଉଭବନ କେମରା ସୁଦର୍ଶନଙ୍କର ଆଦେଶ ରକ୍ଷା କରି ପୁଞ୍ଜିଭୂତ ଗୋଛା ଗୋଛା ସଂଖ୍ୟାରେ ସର୍ବତ୍ର ବର୍ତ୍ତମାନ ବିରାଜିତ ଏହି କାମେରା ଅଥର୍ବ ହେଲେ ବି ଠିକ ନ୍ୟାୟ ବିଧାନରେ ବିନେ ଧରାପକାଇବ ଏହା ସତ୍ୟସତ୍ୟ ତ୍ରିବାର ସତ୍ୟ । ହାତେ ହାତେ କ୍ୟାମେରା ଫୋନ, ତାହା ପୁଣି ଦୃତ ଟେଳିକାଷ୍ଟ କରିପାରୁଛି । ଏତ କରାଉଛି, ଧରା ପକାଉଛି, ଦଣ୍ଡଭୋକ୍ତା କରାଇବ ପଥା ବାହାର କରୁଛି । ଏବି ସେହି ପ୍ରଭୁ ଚକା ଆଖିଙ୍କ ଲୀଳା ତାଙ୍କ ସୁଦର୍ଶନର କାର୍ଯ୍ୟକାରୀ ଶକ୍ତି । କେହି ରକ୍ଷା ପାଇବା ସମ୍ଭବ ନୁହେଁ ଭାବନ୍ତୁ ଭାଗବତବାଣୀ କରି କରାଉଥାଏ ମୁହିଁ ମୋ ବିନୁ ଆନଗତି ନାହିଁ । ଜଗନ୍ନାଥଙ୍କ ଜଗନ୍ନାଥଦାସ ଏପରି କେବେ ଠାରୁ ଲେଖିଛନ୍ତି ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ଦୂରଭାଷ; ୯୪୩୭୦୩୧୨୫୩

ନିର୍ମାଣ ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତ

॥ ଇନ୍ଦୁ ଭୂଷଣ ଭୂୟାଁ ॥

ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକାର୍ଯ୍ୟ ସଫଳ ହେବ । ଓଡ଼ିଶାରେ ଡବଲ ଇଞ୍ଜିନ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଆଜି ସମଗ୍ର ବିଶ୍ୱରେ ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ନିକଟରେ ଗୋଟିଏ ଦିନରେ ଚାରୋଟି ପ୍ରକଳ୍ପର ଉଦଘାଟନ ଓ କୋଡିଏଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏକ ସହଜ ଓ ଛୋଟିଆ କଥା ନୁହେଁ । ବାସ୍ତବିକ ଏକ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ଏହା ଆଜି ଏକ ପାଦ କହିଲେ ଅତ୍ୟୁକ୍ତି ହେବନାହିଁ । ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉପକୂଳବର୍ତ୍ତୀର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କୁହାଯାଉଥିବା ଯାଜପୁରରେ ୧୫,୦୦୦ କୋଟି ଟଙ୍କା ନିବେଶର ୨୪ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ଏହାଦ୍ୱାରା ସ୍ଥାନୀୟ ଅଂଚଳର ୩୬ ହଜାର ଲୋକଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି ହେବ । ଯାଜପୁରର କଳିଙ୍ଗନଗରରେ ଶିଳ୍ପ ବିପ୍ଳବର ମୂଳଦୁଆ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସବୁଠାରୁ ବଡ଼କଥା ହେଉଛି ରାଜ୍ୟ ଶିଳ୍ପମନ୍ତ୍ରୀ ତଥା ବିଜେପିର ଯୁବ ଲୋକପ୍ରିୟ ଚେହେରା ଭାବେ ପରିଚିତ ସମ୍ପଦ ସ୍ୱାଇଁଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା । ଓଡ଼ିଶାର ପ୍ରଗତି ସହ ଓଡ଼ିଶା ଯୁବ ବର୍ଗ କିପରି ସ୍ୱାବଲମ୍ବୀ ହେବା ସହ ପ୍ରଧାନମନ୍ତ୍ରୀଙ୍କ ପୂର୍ବ ଭାରତର ଯୋଜନାକୁ ସଫଳ କରିବା ପାଇଁ ସେ ପ୍ରତ୍ୟକ୍ଷ ଭାବେ ରାଜ୍ୟର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ତଥା ରାଜ୍ୟ ଶିଳ୍ପମନ୍ତ୍ରୀଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ମେଗା କାର୍ଯ୍ୟକ୍ରମରେ ବାସ୍ତବିକ ଓଡ଼ିଶାରେ ଗୋଟିଏ ଦିନରେ ୧,୧୫,୦୦୦ କୋଟି ଟଙ୍କାର ଶିଳାନ୍ୟାସ କେବେ ହୋଇନଥିଲା । ଏକ ସମୃଦ୍ଧ ସମାଜ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଓଡ଼ିଶାର ଶିଳ୍ପମନ୍ତ୍ରୀ ସମସ୍ତଙ୍କ ଭାଗିଦାରୀତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଛନ୍ତି । ଭିତ୍ତିଭୂମି କ୍ଷେତ୍ରରେ ସକାରାତ୍ମକ ଭାବନା ନେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଶିଳ୍ପୋଦ୍ୟୋଗୀମାନେ ଆଗେଇ ଆସୁଛନ୍ତି । ଏବେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡ଼ିଶା କନକ୍ଲେଭ–୨୦୨୫ ପରିପ୍ରେକ୍ଷୀରେ କେବଳ କଳିଙ୍ଗ ନଗର ନୁହଁ ଓଡ଼ିଶା ସମଗ୍ର ଭାରତ ବର୍ଷର ଗୋଟିଏ ଇସ୍ପାତ ଶିଳ୍ପର ହବ ହେବାକୁ ଯାଉଛି । ଓଡ଼ିଶା ଆଜି ଶିଳ୍ପ କ୍ଷେତ୍ରରେ କେବଳ ଭାରତରେ ନୁହେଁ ବିଶ୍ୱର ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ମୁଖ୍ୟମନ୍ତ୍ରୀଙ୍କର କେବଳ କଳିଙ୍ଗ ନଗର ଯୋଜନାକୁ ଦୃଷ୍ଟିରେ ରଖିଲେ ଯାହା ଜଣାଯାଉଛି କେବଳ ନୀଳାଚଳ ଇସ୍ପାତରେ ୧୪ ହଜାର ଯୁବକ ଯୁବତୀ ନିଯୁକ୍ତି ପାଇବାର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ଇମାରେ ୨ ହଜାରରୁ ଉର୍ଦ୍ଧ୍ୱ ଓ ଟାଟାଷ୍ଟିଲ ସମ୍ପ୍ରସାରଣ ହେବା ପରେ ଏଥିରେ ୬ ହଜାର ପାଖାପାଖି ଅତିରିକ୍ତ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି । କେବଳ ସେତିକି ନୁହେଁ ଅନ୍ୟାନ୍ୟ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ଗୁଡିକରେ ମଧ୍ୟ ପ୍ରଚୁର ନିଯୁକ୍ତି ସୃଷ୍ଟି ହେବ ଯାହାଦ୍ୱାରା ୨୦୩୬ରେ ସମୃଦ୍ଧ ଓଡ଼ିଶା ଆହ୍ୱାନକୁ ରାଜ୍ୟ ସରକାର ବେଶ ସଫଳତାର ସହ ପାର କରିପାରିବେ । କିଛି ଦିନ ପୂର୍ବେ ଖୋର୍ଦ୍ଧା ଜିଲ୍ଲାରେ ୬ ହଜାର କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇ ପାଖାପାଖି ୩୦ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହୋଇଛି । କଳିଙ୍ଗ ନଗରରେ ସମ୍ପ୍ରସାରିତ ଟାଟାଷ୍ଟିଲ, ଜେଏସଏଲ, ଜଟିଆ ଷ୍ଟିଲ ଆଣ୍ଡ ଅଡିସ୍ ଏକ୍ସପୋର୍ଟସ୍ ଅଫ ଇଣ୍ଡିଆ ସମେତ ନୀଳାଚଳ ଇସ୍ପାତ, ଇଣ୍ଡିଆନ ମେଟାଲ ଆଣ୍ଡ ଫେରୋ ଆଲଏଜ୍, ଟାଟା ଷ୍ଟିଲ ଗ୍ରୋଥସ ସପ, ଆନନ୍ଦ ଏକ୍ସପୋର୍ଟ, ଲିଣ୍ଡେ ଇଣ୍ଡିଆ, ସହିଏସ ସେସାଲିଟ କେମିକାଲ, ଭିସିଆଇ କେମିକାଲ, ସାକ୍ସୁ ବ୍ରୁଏବ, ସାଇକର, ଟିଆଇବେ ସେରାମିକ, ଆଲମାମେଟ ଇଣ୍ଡିଆ, ରୁଙ୍ଗଟା ଏଜେନ୍ସି, ନିଓ ଇଣ୍ଡଷ୍ଟ୍ରିଜ ମେଟାଲ, କୋରଓ୍ୱାର ସରଫେସ ଟେକ୍ନୋଲୋଜି, ପ୍ଲୁଟେଜମ ଇଣ୍ଡିଆ, ଏମ୍ପାୟାର ଆଟୋ, ଲାଇଟାନ୍ଧ ଆଣ୍ଡ ସନସ୍, ଏସକେଆରକେ ଇଣ୍ଟରପ୍ରାଇଜେସ, ଗ୍ଲୋବ ଲୁଇକ କନେକ୍ଟରସ ଏବଂ ଲେଇରର ଆଣ୍ଡ ଇଣ୍ଡିଆ ଅଦି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଶିଳାନ୍ୟାସ ହୋଇଥିଲା । ଯାହାଦ୍ୱାରା ପ୍ରଚୁର କର୍ମନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ । ଓଡ଼ିଶାରେ ଭରପୁର ପ୍ରାକୃତିକ ସମ୍ପଦ ରହିଥିବାବେଳେ ବର୍ତ୍ତମାନର ସରକାର ଓଡ଼ିଶାରେ ଦ୍ରୁତ ଶିଳ୍ପାୟନକୁ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶା ମଧ୍ୟ ଏକ ଆଧୁନିକ ଅନୁକୂଳ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟରେ ସମୃଦ୍ଧି, ଶକ୍ତି ଓ ପ୍ରଗତି ହୋଇପାରିବ । ଓଡ଼ିଶାର ଏହି ବିକାଶ ଦ୍ୱାରା ସ୍ୱାବଲମ୍ବୀମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବା ସହ ଯୁବ ବର୍ଗମାନେ ଅନେକ ଷ୍ଟାର୍ଟଅପ୍ ଗଠନ କରିପାରିବେ । ଓଡ଼ିଶାର ନୂତନ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନମନ୍ତ୍ରଣାଳୟର ଦାୟିତ୍ୱରେ ରହିଛନ୍ତି ବିଜେପିର ଲୋକପ୍ରିୟ ଚେହେରା ତଥା ପାରାଦ୍ୱୀପର ଗୌରବ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ବିଜିନେସରେ ଉଚ୍ଚତର ଗବେଷଣାଯୁକ୍ତ ମାଷ୍ଟର ଡିଗ୍ରୀ ସହ ସ୍ଥାନୀୟ ଅଂଚଳବାସୀଙ୍କ ସେବା ପାଇଁ ସେ ରାଜନୀତିରେ ପାଦ ଦେଇଥିଲେ । ତାଙ୍କର ଦୂରଦୃଷ୍ଟି ଯୋଜନା ହେଉଛି ଓଡ଼ିଶାରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦକୁ କିପରି ଆମ ରାଜ୍ୟ ଭିତରେ ବିନିଯୋଗ କରି ତାର ସଦୁପଯୋଗ କରାଯାଇ ରାଜ୍ୟରେ ଶିଳ୍ପ ବିପ୍ଳବକୁ ସାକାର କରିବା । ନିଜ ନିର୍ବାଚନ କ୍ଷେତ୍ର ପାରାଦ୍ୱୀପ ସଂଲଗ୍ନ ଏରସମା ସମେତ ସ୍ଥାନୀୟ ଅଂଚଳବାସୀଙ୍କ ତଥା ଚାଷୀ ଓ ବିସ୍ଥାପିତମାନେ କିପରି କର୍ମନିଯୁକ୍ତି ପାଇବେ ଏବଂ ସେମାନଙ୍କ ମୁହଁରେ ଟିକେ ହସ ଫୁଟିବ ଏହା ହିଁ ତାଙ୍କର ଇଚ୍ଛା ଓ ଆଗ୍ରହ । ସ୍ଥାନୀୟ ଅଂଚଳରେ ତାଙ୍କୁ ବିଜୁ ବାବୁଙ୍କ ପରେ ଦ୍ୱିତୀୟ ଓଡ଼ିଶାର ବିଶ୍ୱକର୍ମା ବୋଲି ଅତି ଶ୍ରଦ୍ଧାର ସହ ଉଚ୍ଚାରଣ କରନ୍ତି । ନୀଳ ଅର୍ଥନୀତିରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟର ପରିଣତ ହେବାକୁ ଯାଉଛି । ଦେଶର ବିକାଶ ସହ ଓଡ଼ିଶାର ପ୍ରକୃତ ଓ ଦ୍ରୁତ ବିକାଶ ପାଇଁ ନୂଆ ଅଭିମୁଖ୍ୟ ନେଇ ମୋହନ ସରକାର ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ କରୁଛନ୍ତି । ସୌର, ପବନ, ଜଳବିଦ୍ୟୁତ ଓ ସବୁଜ ହାଇଡ୍ରୋଜେନ ସମେତ ସବୁଜ ପ୍ରଯୁକ୍ତି ବିଦ୍ୟା ଓ ସବୁଜ ଭବିଷ୍ୟତ ଉପରେ ଭାରତ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶାରେ ଅନେକ କମ୍ପାନୀ ଏହି ପ୍ରକଳ୍ପ ଉପରେ ଫୋକସ କରୁଛନ୍ତି । ଏମଏସଏମଇ ଓ ଯୁବ ଷ୍ଟାର୍ଟଅପ୍ ମାନଙ୍କୁ ସହଯୋଗ କରିବାକୁ ବିଭିନ୍ନ କମ୍ପାନୀ ଓଡ଼ିଶାରେ ୟୁନିଟ ଖୋଲୁଛନ୍ତି । ସରକାର ଇଣ୍ଟର୍ନସିପ୍ ଓ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ଓ ପ୍ୟାକେଜର ବିକାଶ ସରକାର କରୁଛନ୍ତି । ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ନେଇ ଓଡ଼ିଶା ସରକାରଙ୍କୁ ସମସ୍ତ ସହଯୋଗ କେନ୍ଦ୍ର ପ୍ରଦାନ କରୁଛି । କେମିକାଲ, ପେଟ୍ରୋକେମିକାଲ୍, ଗ୍ରୀନ ହାଇଡ୍ରୋଜେନ, ଆଇଟି ସର୍ଭିସ, ସେମିକଣ୍ଡକ୍ଟର, ବୟନ ଶିଳ୍ପରେ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଥିବାରୁ ଶିଳ୍ପପତି ମାନଙ୍କର ସବୁଠୁ ପସନ୍ଦ ଓ ଭରଷା ଓଡ଼ିଶା ଉପରେ ହିଁ ରହିଛି । ଉତ୍କର୍ଷ ଓଡ଼ିଶାରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପର ନିବେଶକମାନେ ସାମିଲ ହୋଇ ଉତ୍କର୍ଷ ଓଡ଼ିଶାକୁ ନେଇ ଓଡ଼ିଆ ପିଲାଙ୍କ ଭିତରେ ଉତ୍ସାହ ବଢ଼ାଇଛନ୍ତି । ଆଗକୁ ନୂଆ ଷ୍ଟାର୍ଟଅପ୍ ପରିସଂସ୍ଥାନ ଓ ନୂଆ ପୁଞ୍ଜିନିବେଶକାରୀ ମାନଙ୍କ ନିର୍ଭରଯୋଗ୍ୟ ସ୍ଥାନ ପାଲଟିବ ଓଡ଼ିଶା । ଯୁବ ଉଦ୍ୟମୀଙ୍କ ଆକାଂକ୍ଷା ପୂରଣ ହେବା ସହ ବଜାର, ନବ ସୃଜନ ଓ ଆନୁସଙ୍ଗିକ ସମର୍ଥିତ ପ୍ରକ୍ରିୟାକୁ ସରକାର ଯୋରଦାର ପ୍ରୋତ୍ସାହନ ଦେଉଛନ୍ତି । ଓଡ଼ିଶା ଦ୍ରୁତ ବିକାଶର ସମ୍ଭାବନାର କ୍ଷେତ୍ର ପାଲଟୁଛି ଆଗକୁ ଅନେକ ସମ୍ଭାବନାର ଓ ପ୍ରଗତିର କେନ୍ଦ୍ରବିନ୍ଦୁ ହେବ ଓଡ଼ିଶା ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭–
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ଦୂରଭାଷ : ୯୨୦୪୬୫୨୦୬୫

ଭୁଶୁଡ଼ିବା ପୂର୍ବରୁ ସଜାଡ଼ିବା ଭଲ

॥ କିଶୋର ଚନ୍ଦ୍ର ବେହେରା ॥

ମଣିଷ ନିଜର ଜାଣତରେ ହେଉ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ । ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ । ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ । ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ମଣିଷ ଏବଂ ପରିବେଶ ମଧ୍ୟରେ ବହୁତ ଗଭୀର ସମ୍ପର୍କ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । ପରିବେଶ କ୍ରମାଗତ ଭାବରେ ଦୂଷିତ ହେଉଛି, ଯାହା ଆମ ଜୀବନରେ ଗଭୀର ପ୍ରଭାବ ପକାଉଛି । ଇଶ୍ୱରଙ୍କ ତିଆରି ସବୁଜିମା ହିଁ ଆମ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ସେଥିପାଇଁ ପ୍ରକୃତିକୁ କିପରି ପ୍ରଦୂଷଣ ମୁକ୍ତ କରିହେବ ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ । ଲୋକଙ୍କ ମନରେ ସଚେତନତା ଆଣିବା ପାଇଁ ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ବିଶ୍ୱରେ ଦିନକୁ ଦିନ ପ୍ରଦୂଷଣ ବଢିବାରେ ଲାଗିଛି । ଏହି ବଢ଼ୁଥିବା ପ୍ରଦୂଷଣ ପ୍ରକୃତି ପ୍ରତି ବିପଦ ସୃଷ୍ଟି କରୁଛି । ଏହି ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ବିଶ୍ୱ ପରିବେଶ ଦିବସ । ଯାହାଦ୍ୱାରା ଲୋକମାନେ ସଚେତନ ହେବା ସହିତ ପ୍ରକୃତିକୁ ପ୍ରଦୂଷଣରୁ ବଂଚାଇବା ଥିଲା ମୂଳ ଲକ୍ଷ୍ୟ । ପରିବେଶର ଯତ୍ନ ନେବାକୁ ମିଳିତ ଜାତିସଂଘ ୧୯୭୨ ମସିହାରେ ଷ୍ଟକହୋମ ସମ୍ମିଳନୀରେ ୧୧୯ ଦେଶର ପ୍ରତିନିଧି ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ପ୍ରତିବର୍ଷ ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ତେବେ ଏହି ଦିବସ ସେତେବେଳ ସଫଳ ହେବ ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ । ଏହି କ୍ରମରେ ଭାରତରେ ୧୯ ନଭେମ୍ବର ୧୯୮୬ ରୁ ପରିବେଶ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଲା । ଯାହାଫଳରେକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସବୁଜିମା ସୃଷ୍ଟି କରିବା ସହ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି । କେବଳ ଯେ ସରକାରଙ୍କ ଦାୟିତ୍ୱ ବୋଧ ଭାବି ଆମେମାନେ ଚୁପଚାପ୍ ରହିଗଲେ ଚଳିବ ନାହିଁ ବରଂ ସ୍ୱେଚ୍ଛାକୃତ ଭାବେ ସହଯୋଗ କରି ବିଶ୍ୱକୁ ବିଷମ ପରିସ୍ଥିତିରୁ ସୁରକ୍ଷା ଦେଇପାରିବା । ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ବଂଚିବା ପାଇଁ ଆମ ପରିବେଶର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୁସ୍ଥ ଇକୋସିଷ୍ଟମ୍ ଆମକୁ ଅତ୍ୟାବଶ୍ୟକ ଉତ୍ସଗୁଡିକ ଯୋଗାଇଥାଏ ଯେପରିକି ନିର୍ମଳ ବାୟୁ, ମଧୁର ଜଳ, ଉର୍ବର ମାଟି, ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ଏକ ବିବିଧ ଧାରା । ଜଳବାୟୁ ନିୟନ୍ତ୍ରଣ, ପଲିଥିନ୍, ବର୍ଜ୍ୟବସ୍ତୁ କ୍ଷୟ ଏବଂ ଅନ୍ୟାନ୍ୟ ଅନେକ ଇକୋସିଷ୍ଟମ୍ ସେବାରେ ମଧ୍ୟ ସେମାନେ ସହଯୋଗ କରନ୍ତି ଯାହା ମାନବ ସମାଜର ମଙ୍ଗଳ ପାଇଁ ଗୁରୁତ୍ୱପୂର୍ଣ୍ଣ । ତଥାପି ଜଙ୍ଗଲ ନଷ୍ଟ, ପ୍ରଦୂଷଣ, ଅତ୍ୟଧିକ ଯାନବାହାନର ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ମାନବୀୟ କାର୍ଯ୍ୟକଳାପ ଆମ ପରିବେଶ ପାଇଁ ଘୋର ବିପଦ ସୃଷ୍ଟି କରେ । ବିଶ୍ୱ ପରିବେଶ ଦିବସ ଭବିଷ୍ୟତ ପିଢ଼ି ପାଇଁ ଆମର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ସଂରକ୍ଷଣର ଜରୁରୀ ଆବଶ୍ୟକତାର ସ୍ମାରକ ଭାବରେ କାର୍ଯ୍ୟ କରେ । ପରିବେଶ ପରିସଂସ୍ଥାର ଅବନତି ଯୋଗୁ କିଛି ବଶନ୍ଧି ହେଲା ମଣିଷର ରୋଗପ୍ରତିରୋଧକ ଶକ୍ତି ହ୍ରାସ ହେବା ସହ ଆଲର୍ଜିକ୍ ସମସ୍ୟା ବୃଦ୍ଧି ହୋଇଛି । କେବଳ ଶାରୀରିକ ସ୍ୱାସ୍ଥ୍ୟରେ ଏହାର ପ୍ରଭାବ ସୀମିତ ରହିନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯଥା ପରିବେଶୀୟ କ୍ଷତିର ଭୟ ମଧ୍ୟ ଦେଖାଯାଉଛି । ଏହା ବ୍ୟତୀତ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବା ଲାଗି ବାଟ ଦେଖାଇବ ଓ ବିଶ୍ୱରେ ଦୀର୍ଘମିଆଦୀ ରୋଗର ଚାପ ହ୍ରାସ କରିବ । ଏହା ଯୋଗୁ ମାନବ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆସିବ । ନିକଟରେ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମୃତ୍ତିକା ସଂରକ୍ଷଣ ଏବଂ ଦେଶୀ ପ୍ରଜାତି ଗଛ ଫେରାଇଆଣିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ରୋଗ ଯୋଗୁ ସୃଷ୍ଟି ଶାରୀରିକ ଓ ମାନସିକ ପ୍ରଭାବକୁ ହ୍ରାସ କରାଯାଇପାରିବ । ପରିସଂସ୍ଥାର ପୁନରୁଦ୍ଧାର ଭୟଙ୍କର ଜଳବାୟୁଜନିତ ଘଟଣା ଯୋଗୁ ଉପୁଜୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିପାରିବାର ମଧ୍ୟ ପ୍ରମାଣ ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣର ସୂଚନା ପ୍ରଦାନ କରିଛି ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ସହ ଅର୍ଥିକ ପ୍ରସଙ୍ଗର ବି ସମ୍ବନ୍ଧ ରହିଛି । ସାର୍ବଜନୀନ ସ୍ୱାସ୍ଥ୍ୟର କ୍ଷତି ଏବଂ ମହାମାରୀର ଭୟଙ୍କର ପ୍ରଭାବ ଅର୍ଥିକ ଦିଗକୁ ଅତ୍ୟଧିକ ପ୍ରଭାବିତ କରିଛି । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କୃଷି ଉପରେ ନିର୍ଭରଶୀଳ ଚାଷୀମାନେ ଦେଶର ମଧୁର ଜଳର ଶତକଡ଼ା ୮୦ ଭାଗ କୃଷି ଉପରେ ଉପଯୋଗ କରନ୍ତି । ଜଳବାୟୁ ପରିବର୍ତ୍ତନ ସେଇମାନଙ୍କୁ ଅଧିକ ପରିମାଣରେ ପ୍ରଭାବିତ କରେ । କୃଷି ନିମନ୍ତେ ପର୍ଯ୍ୟାପ୍ତ ଜଳ, ବୃଷ୍ଟି ବା ଜଳସେଚନ ମାଧ୍ୟମରେ ପ୍ରାପ୍ତ ହେଉ ନଥିବାରୁ କେତେକ ସ୍ଥାନରେ କୃଷକମାନେ ଭୂତଳ ଜଳ ଅଧିକ ବ୍ୟବହାର କରୁଛନ୍ତି । ସହରାଂଚଳରେ ମଧ୍ୟ ବହୁତଳ ପ୍ରାସାଦ ନିର୍ମାତାମାନେ ଭୂତଳ ଜଳ ବ୍ୟବହାର କରୁଛନ୍ତି । ଫଳତଃ ଭୂତଳ ଜଳ ଅଧିକରୁ ଅଧିକ ନିମ୍ନଗାମୀ ହେଉଛି । ଜଳସଂପଦ ବିଭାଗର ଏକ ଆକଳନ ଅନୁଯାୟୀ ୨୦୬୦ ବେଳକୁ ଆମ ଦେଶ ନିଜ ଆବଶ୍ୟକତାର କେବଳ ଶତକଡ଼ା ୫୦ ଭାଗ ଜଳ ପ୍ରାପ୍ତ ହେବ । ଆମ ଦେଶର କୃଷି ଉତ୍ପାଦନ ଏହା ଫଳରେ ବ୍ୟାପକ ଭାବରେ ବ୍ୟାହତ ହେବ । ଦ୍ରୁତ ଶିଳ୍ପାୟନର ପ୍ରତିଷ୍ଠା ଆମ ଦେଶର ଉନ୍ନୟନ ଯୋଜନା ଓ ଶିଳ୍ପାୟନ ମଧ୍ୟ ପରିବେଶକୁ ଦୃଷ୍ଟିରେ ରଖି କରାଯାଉନାହିଁ । ଅର୍ଥାତ୍ କୌଣସି ସ୍ଥାନରେ କୌଣସି ପ୍ରକାରର ଶିଳ୍ପ ପ୍ରତିଷ୍ଠା ହେଲେ କିମ୍ବା ଅନ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେଲେ, ସେ ଅଂଚଳର ପରିବେଶ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ବିଚାରକୁ ନିଆ ନଯାଇ ସରକାରୀ ସ୍ତରରେ ସେ ସବୁ ଯୋଜନା ମୂଳକ କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଉଛି । ଫଳରେ ଏହାଦ୍ୱାରା ସେ ଅଂଚଳର ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେଉଛି ଏବଂ ଏହାକୁ ବିରୋଧ କରୁଥିବା ଲୋକମାନେ ପ୍ରକୃତପକ୍ଷେ ଭୁଲ ବଶତଃ ଏ ବାବଦରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଯୋଜନା ବିରୁଦ୍ଧରେ ଆନ୍ଦୋଳନ ନ କରି ସଂଯୁକ୍ତ ଶିଳ୍ପସଂସ୍ଥା ପ୍ରତିଷ୍ଠା ବା ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରିବା ଏହି ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟା ସୃଷ୍ଟି କରୁଛି । ଆମର ଶିକ୍ଷା ବ୍ୟବସ୍ଥାରେ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଆଜି ବି ଯଥାଯଥ ଗୁରୁତ୍ୱ ପାଇପାରି ନାହିଁ । ଡାକ୍ତରୀ, ଇଞ୍ଜିନିୟରିଂ ବା ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ବିଷୟରେ ସଚେତନ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ଯଦି ପରିବେଶର ସୁରକ୍ଷା ସଂପର୍କୀତ ଧାରଣା ଦେବା ସହ, ସେମାନଙ୍କ ମନରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ସଂପର୍କରେ ସମୀକ୍ଷା, ସର୍ବେକ୍ଷଣ ଓ ସୂଚନା ପ୍ରଦାନ କରାଗଲେ ନୈତିକ ଓ ପରିବେଶ ଶିକ୍ଷା ଲାଭ କରିପାରିବେ । ପରିବେଶ ଆହ୍ୱାନର ମୁକାବିଲା କରିବାରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ବିଶ୍ୱ ପରିବେଶ ଦିବସ ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ନିରନ୍ତର ବିକାଶ ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଉନ୍ମୋଚନ କରିବାର ସୁଯୋଗ ପ୍ରଦାନ କରେ । ଅକ୍ଷୟ ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତା, ନିରନ୍ତର କୃଷି ଅଭ୍ୟାସ ଗ୍ରହଣ, ସଂରକ୍ଷିତ ଅଂଚଳ ପ୍ରତିଷ୍ଠା ଏବଂ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ନିୟମ ପ୍ରଣୟନ ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ । ବିଶ୍ୱ ପରିବେଶ ଦିବସରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରମାନେ ପରିବେଶ ପରିଚାଳନା ପାଇଁ ସେମାନଙ୍କର ଉତ୍ସର୍ଗ ପ୍ରଦର୍ଶନ କରନ୍ତି ଏବଂ ଅନ୍ୟ ରାଷ୍ଟ୍ରମାନଙ୍କୁ ମଧ୍ୟ ଅନୁକରଣ କରିବାକୁ ପ୍ରେରଣା ଦିଅନ୍ତି । ପରିବେଶବିତ୍ ବର୍ତ୍ତମାନ ଚିନ୍ତା ପ୍ରକଟ କରି କହି ସାରିଲେଣି ଆମ ପିଲାମାନେ ଏବଂ ଯୁବପିଢ଼ି ବହୁତ ବ୍ୟାପକ ସ୍ତରରେ ପରିବେଶ ପରିବର୍ତ୍ତନର ସମ୍ମୁଖୀନ ହେବା ସହ ଏହି କ୍ଷେତ୍ରରେ ସେମାନଙ୍କୁ ଯୋଗଦାନ କରିବାକୁ ପଡ଼ିବ । ପ୍ରତ୍ୟେକ ପରିବାରର ବୟସ୍କ ମାନେ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢିବେ ଏବଂ ସେମାନେ କେଉଁ ବୃତ୍ତି ବାଛିବେ । ଏଭଳି ଚିନ୍ତା କରିବା ଯଥାର୍ଥ । କିନ୍ତୁ ଆମ ପିଲାମାନେ କେଉଁ ପ୍ରକାର ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବେ, କେଉଁ ପ୍ରକାର ପାଣି ପିଇବେ, ପକ୍ଷୀଙ୍କ ମଧୁର ଧ୍ୱନି ଶୁଣିବାକୁ ସକ୍ଷମ ହୋଇପାରିବେ କି ନାହିଁ, ସବୁଜ ଜଙ୍ଗଲର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ କି ନାହିଁ, ସେ ବିଷୟରେ ମଧ୍ୟ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ । ସର୍ବୋପରିରେ ଅନୁମାନ କରିହୁଏ ଯେ ଏହି ବିଷୟ ଗୁଡ଼ିକର ଅର୍ଥନୈତିକ, ସାମାଜିକ ଏବଂ ବିଜ୍ଞାନସମ୍ମତ ଦିଗ ରହିଛି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ ବିଷୟ ସହିତ ଜଡିତ ଆହ୍ୱାନର ଏକ ନୈତିକ ଦିଗ ମଧ୍ୟ ରହିଛି । ଆଗାମୀ ପିଢ଼ିକୁ ସ୍ୱଚ୍ଛ ପରିବେଶର ପରମ୍ପରା ପ୍ରଦାନ କରିବା ଆମର ନୈତିକ ଦାୟିତ୍ୱ । ଏଥିପାଇଁ ଆମକୁ ପରିବେଶ ପ୍ରତି ସଚେତନ ଓ ସମ୍ବେଦନଶୀଳ ଜୀବନଶୈଳୀ ଆପଣାଇବାକୁ ପଡ଼ିବ, ଯାହା ଦ୍ୱାରା ପରିବେଶ କେବଳ ସୁରକ୍ଷିତ ନୁହେଁ, ବରଂ ଉନ୍ନତ ହେବା ସହ ଅଧିକ ଚଳଚଂଚଳ ହୋଇପାରିବ । ସ୍ୱଚ୍ଛ ପରିବେଶ ଏବଂ ଆଧୁନିକ ବିକାଶ ମଧ୍ୟରେ ସନ୍ତୁଳନ ରହିବା ଉଭୟ ସୁଯୋଗ ଏବଂ ଆହ୍ୱାନ ମଧ୍ୟ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ; ୯୪୩୭୯୫୫୫୬୮

ସେଇଠୁ ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୦୩ ଜୁନ,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କେନ୍ଦୁଝର,୦୨/୦୬ (ଆ.ପ୍ର) : ସୋମବାର ଦିନ ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୩୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୬୦ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୫୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ୧୫ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

ପୁଅ ବୋହୂର ଶୁଦ୍ଧିକ୍ରିୟା ଚାରି ଅନାଥ ଛୁଆଙ୍କ ଥଇଥାନ ପାଇଁ ସହାୟତା ଲୋଡ଼ିଲେ ଜେଜେ ମାଆ

କେନ୍ଦୁଝର,୦୨/୦୬ (ଆ.ପ୍ର) : ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ସୋମଗିରି ଗ୍ରାମର ରେଖାଡା ସାହିରେ ଗତ ମେ ମାସ ୭ ଈଶ୍ୱର ମୁଣ୍ଡା ନାମକ ଜଣେ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ତାର ଠିକ ୨୦ ଦିନ ପରେ ତାଙ୍କ ସ୍ତ୍ରୀ ଜେମା ମୁଣ୍ଡା କିପରି ଚାରି ପିଲାଙ୍କ ପ୍ରତିପୋଷଣ ଚିନ୍ତାରେ ୨୭ ତାରିଖରେ ଆରପାରିକୁ ଚାଲି ଗଲେ । ପୁଅ ଓ ବୋହୂର ଶୁଦ୍ଧିକ୍ରିୟା ପାଇଁ ସହାୟତା ଲୋଡିଲେ ଈଶ୍ୱରଙ୍କ ମାଆ । ଆଜି ଜିଲ୍ଲାପାଳଙ୍କୁ ଭେଟି ସେ ସହାୟତାର ହାତ ବଢାଇବାକୁ ଲିଖିତ ନିବେଦନ କରିଥିଲେ । ବିଧବା ବୃଦ୍ଧା ଜଙ୍ଗୀ ପୁଅ-ବୋହୂକୁ ହରାଇ ବାର୍ଦ୍ଧକ୍ୟ ଅବସ୍ଥାରେ ଅସହାୟ ହୋଇ ନାତୀ ନାତୁଣୀଙ୍କୁ ଲାଳନ ପାଳନ କରିବାରେ ଅସମର୍ଥ ମନେ କରୁଛନ୍ତି । ଏପରିକି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଭଲ ନାହିଁ । ଏବେ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ଅନାଟନ ଥିବାଯୋଗୁଁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି । ପ୍ରଶାସନ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ସହାୟତା ଓ ଚାରି ଶିଶୁଙ୍କ ଭବିଷ୍ୟତ ନିର୍ମାଣ ଓ ଥଇଥାନ ପାଇଁ ସାହାଯ୍ୟର ହାତ ବଢାଇବାକୁ ଜଙ୍ଗୀ ନିବେଦନ କରିଛନ୍ତି ।

ଦେଉଳା ମାଟିର ସୁନାପୁଅ ଲଲାଟ ଇନ୍ଦୁଙ୍କୁ ଭୂରି ଭୂରି ପ୍ରଶଂସା

ଭୋଗରାଇ, ୦୨/୦୬ (ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳା ପଂଚାୟତ ସେହି ଗ୍ରାମର ଯୁବ ଇଞ୍ଜିନିୟର ଡ. ଲଲାଟ ଇନ୍ଦୁ ଗିରି ଅର୍ନ୍ତଜାତୀୟ ଭିଜିଟିଂଗ ରିସର୍ଚ୍ଚ ପ୍ରୋଗ୍ରାମରେ ଯୋଗ୍ୟ ବିବେଚିତ ହୋଇ ଏଇ ଜୁନ ମାସ ୪ ତାରିଖରେ ପୋରାଟ ବିଶ୍ୱ ବିଦ୍ୟାଳୟ ପର୍ତ୍ତୁଗାଲ ଯିବେ । ଏହା ପୂର୍ବରୁ ମାର୍ଚ୍ଚ ମାସରେ ପର୍ତ୍ତୁଗାଲ ଯାଇ ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତାଙ୍କ ସନ୍ଦର୍ଭ ପାଠ କରିଥିଲେ । ଖାଲି ସେତିକି ନୁହଁ ଫ୍ରାନ୍ସର ଇଞ୍ଜିନିୟରିଂ କଲେଜରେ ତାଙ୍କ ସନ୍ଦର୍ଭ ଉପସ୍ଥାପନ କରି ମଧ ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ଡ. ଗିରି ବିଟେକରେ ସ୍ୱର୍ଣ୍ଣ ପଦକ ପାଇ ଆଇଆଇଟି କାନପୁରରୁ ଏମଟେକ ଏବଂ ଆଇଆଇଟି ଦିଲ୍ଲୀରୁ ପିଏଚଡି କରି ବର୍ତ୍ତମାନ ଏନଆଇଟି ଗୋଆରେ ସହକାରୀ ପ୍ରଫେସର ଅଛନ୍ତି । ସୂଚନା ଥାଉ କି ଶ୍ରୀ ଗିରି ଭୋଗରାଇ ବ୍ଲକ ଦେଉଳା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ୩୩ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରମଥ କୁମାର ଗିରି ଏବଂ ଅସୀମା ରାଣୀ ଗିରିଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ଡ. ଗିରିଙ୍କ କୃତିତ୍ୱ କୁ ସମ୍ମାନ ଜଣାଇ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର ଜେନା, ୩୩ ନଂ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଜେନା ତାଙ୍କୁ ଫୋନ କରି କୃତଜ୍ଞତା ଜ୍ଞାପନ ସହ ପ୍ରଶଂସା କରିଛନ୍ତି ।

ବଢୁଛି କଳ କାରଖାନା, ପ୍ରଦୂଷଣରେ ହନ୍ତସନ୍ତ ପଶ୍ଚିମ ବଡ଼ଚଣା

ଛତିଆ, ୦୨/୦୬ (ଆ.ପ୍ର) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅଧିନସ୍ଥ ସନିଆଁ, ପାରିଆ ଓ ବୈରୀ ଅଂଚଳରେ ଗଢି ଉଠିଥିବା କଳକାରଖାନା ଏବେ ଦିନକୁ ଦିନ କରାଳ ରୂପ ଦେଖାଇବାରେ ଲାଗିଛନ୍ତି । କାରଖାନା ପ୍ରତିଷ୍ଠା ବେଳେ ସରକାରଙ୍କ ସହ ହୋଇଥିବା ଚୁକ୍ତି ଓ ଜନଶୁଣାଣୀରେ ଅଂଚଳବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଫୁ କରି ଉଡେଇ ଦେଉଛନ୍ତି ଏହି କମ୍ପାନୀଗୁଡିକ । ବିଶେଷକରି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଓ କଟକ ଜିଲ୍ଲାର ଟାଙ୍ଗୀ ବ୍ଲକର ସୀମାନ୍ତରେ ଥିବା ଡାଲମିଆ ସିମେଂଟ କାରଖାନାର ଓସିଏଲର ପ୍ରାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଲାଣି । ଶବ୍ଦ ଓ ବାୟୁ ପ୍ରଦୂଷଣରେ ଖାଲି ମଣିଷ ନୁହେଁ ଜଙ୍ଗଲୀ ଜୀବ ବି ମରଣ ମୁହଁରେ ପଡୁଛନ୍ତି । ହେଲେ ସ୍ଥାନୀୟ କିଛି କୁଚି ନେତାଙ୍କୁ ଖୁସି କରିଦେଇ ଓସିଏଲ କର୍ତ୍ତୃପକ୍ଷ ସମଗ୍ର ଅଂଚଳକୁ ମଶାଣିରେ ପରିଣତ କରିବାକୁ ବସିଛି । କାରଖାନାର ବିଭିନ୍ନ ପ୍ରଦୂଷଣରେ ଚର୍ମରୋଗ ସାଙ୍ଗକୁ ଯକ୍ଷ୍ମା ଆଦି ରୋଗରେ ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ଆଦିବାସୀ ବସ୍ତି । ହେଲେ ପୋଲିସ ଓ ଅଦାଲତି ଭୟରେ ଏହି ସାଧାରଣ ଲୋକେ ମୁହଁ ଖୋଲୁ ନଥିଲା ବେଳେ କିଛି ଦଲାଲ ସରକାରୀ ଅଧିକାରୀଙ୍କ ପକେଟ ଗରମ ହେଉଥିବା ଅଭିଯୋଗ ହେଉଛି । ଏପରିକି ଏହି କାରଖାନାଟି ପାହାଡ଼ିଆ ଅଂଚଳରେ ଗଢି ଉଠିଥିବା ବେଳେ କାରଖାନାର ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ଜଙ୍ଗଲରେ ରହୁଥିବା ସମସ୍ତ ବନ୍ୟ ଜନ୍ତୁ ଏବେ ଗାଁ ମୁହାଁ ହେଲେଣି । ଏହି ବନ୍ୟ ଜନ୍ତୁ ତଥା ହରିଣ, ମିରିଗ, ଠେକୁଆ ଭଳି ପଶୁ ଗାଁ ମୁହାଁ ହେବା ଫଳରେ ସେଠାରେ ଥିବା ବୁଲା କୁକୁରଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁ ବରଣ କରୁଛନ୍ତି । ଅନ୍ୟପଟେ ଓସିଏଲର ମାଲବାହୀ ଟ୍ରେନ୍ ଯିବା ଫଳରେ ପାହାଡ଼ ଓ ଜଙ୍ଗଲରେ ଥିବା ବନ୍ୟଜନ୍ତୁଙ୍କ ଯିବା ଆସିବାରେ ବାଧାପ୍ରାପ୍ତ ହେଉଛି । ହାତୀମାନେ ଏବେ ଦିନରେ ବି ଗାଁ ଓ ରାସ୍ତାରେ ବୁଲିବାକୁ ଲାଗିଲେଣି ଏବଂ ଗାଁ ଭିତରେ ପଶି ଧାନ ଖାଇବା ସହ ଧନ ଜୀବନ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି । କାରଖାନାର ଭାରିଯାନ ଯିବା ଆସିବାର ସମୟ ସୀମା ନ ଥିବାରୁ ରାତ୍ର ସମୟରେ ବଡ଼ ବଡ଼ ଗାଡ଼ି ଯିବାରୁ ସେହି ରାସ୍ତାରେ ପାରି ହେଉଥିବା ବନ୍ୟଜନ୍ତୁ ଗୁଡ଼ିକ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି । ଭାରିଯାନ ଗୁଡ଼ିକ ବୈରୀରୁ ଛତିଆ ଦେଇ ଯିବା ସମୟରେ ଅତ୍ୟଧିକ ଧୂଳି ଧୂଆଁରେ ରାସ୍ତା ଅନ୍ଧକାର ମଧ୍ୟ ହେଉଯାଉଛି । ଏହା ଫଳରେ ସାଧାରଣ ଲୋକେ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯିବା ଆସିବରେ ବାଧା ପ୍ରାପ୍ତ ହେଉଅଛି । ପ୍ରଦୂଷଣ କ୍ଷେତ୍ରରେ ଦେଖିବାକୁ ଗଲେ ଓସିଏଲର କଳା ନିର୍ଗତ ଧୂଆଁରେ ଆଖପାଖ ଗ୍ରାମକୁ ମଧ୍ୟ କ୍ଷତି ପହଂଚାଉଛି । ଯେପରି କି ଚର୍ମ ଓ ଟିବି ଭଳି ରୋଗ ବ୍ୟାପି ବାରେ ଲାଗିଛି । ଓସିଏଲର ଆଖ ପାଖ ଗ୍ରାମର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ଥିବା ସମସ୍ତ ସୁବିଧା ଗୁଡ଼ିକରେ ମଧ୍ୟ ପାତର ଅନ୍ତର ହେଉଥିବା ଅଭିଯୋଗ ଆସୁଛି । ସବୁଠାରୁ ବଡ଼ କଥା ହେଉଛି ନିଯୁକ୍ତି କ୍ଷେତ୍ରରେ ଓସିଏଲ ପାଖ ଅଂଚଳ ର ଉଚ୍ଚ ଶିକ୍ଷିତ ଯୁବକ ମାନେ ଥିବା ବେଳେ ଅନ୍ୟ ରାଜ୍ୟର ଯୁବକ ମାନଙ୍କୁ ନିଯୁକ୍ତି ଦେବା ଗୋଟେ ବଡ଼ ପ୍ରଶ୍ନ ବଚି ସୃଷ୍ଟି କରୁଛି । ବଂଚିବାର ରାହା ଦେଖାଉ ପ୍ରତିଷ୍ଠା ହୋଇଥିବା ଡାଲମିଆଁ ସିମେଂଟ କାରଖାନା ଏବେ ସମଗ୍ର ଅଂଚଳକୁ ମଶାଣିରେ ପରିଣତ କରି ସ୍ଥାନୀୟ ଅଧିବାସୀଙ୍କୁ ଶବ କରିବାକୁ ବସିଛି । ତେଣୁ ରାଜ୍ୟ ସରକାର ଏହି ନରହନ୍ତା ଓସିଏଲର ମନମାନୀକୁ ରୋକିବାକୁ ଅଂଚଳବାସୀ ଦାବୀ କରିଛନ୍ତି । ନଚେତ ଓସିଏଲ କାରଖାନାକୁ ବନ୍ଦ କରିବାକୁ ଜୀବନ ଦେବାକୁ ପଛେଇବେନି ବୋଲି କହିଛନ୍ତି ୩ ଖଣ୍ଡି ମୌଜାର ଲୋକେ ।

ଅବସରପ୍ରାପ୍ତ ସୈନିକଙ୍କୁ ଉତ୍କଳ ସେବା ନିବୃତ ସେନାନୀ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ଜଗତସିଂହପୁର,୦୨/୦୬ (ଆ.ପ୍ର) : ଭାରତୀୟ ସ୍ଥଳ ସେନାରୁ ଅବସରପ୍ରାପ୍ତ ଯବାନ ମରିଚପୁର ନିବାସୀ କିଶୋର କୁମାର ମହାନ୍ତିଙ୍କୁ ତାଙ୍କ ବାସଭବନରେ ଉତ୍କଳ ସେବା ନିବୃତ ସେନାନୀ ସଂଘ, ଜଗତସିଂହପୁର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି । ସଂଘର ସଭାପତି ସୋମନାଥ ମହାରଣା ପୁଷ୍ପ ଗୁଚ୍ଛ ପ୍ରଦାନ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ସମାରୋହରେ ତାଙ୍କ ଧର୍ମପତ୍ନୀ ଜୟନ୍ତି ନାୟକ ତାଙ୍କ ସହ ଉପସ୍ଥିତ ଥିଲେ ଏବଂ ସଂଘର ସଂଯୋଜକ ଜଗନ୍ନାଥ ଦାଶ, ମିଡିଆ ପ୍ରଭାରୀ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ବିପିନ ବିହାରୀ ମୁଦୁଲି ତଥା ଏକ୍ସିକ୍ୟୁଟିଭ ସଦସ୍ୟ ସୁନାକର ମହାନ୍ତି, ପ୍ରଭାକର ମଲ୍ଲିକ, ସୟଦ ଲିୟାକତ ଅଲି, ଅରୁଣ ପ୍ରସାଦ ମହାନ୍ତି, ଦେବେନ୍ଦ୍ର ନାଥ ମହାନ୍ତି, ବିଜୟ କୁମାର ଦାସ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଉଭୟଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

ଦଶପଲ୍ଲା, ୦୨/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଚଡେୟାପଲ୍ଲୀ ପଂଚାୟତର କଟିପଦର ଗ୍ରାମରେ ସୋମବାର ଦିନ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଓ ବହୁ ଆସବାବପତ୍ର ପୋଡିଜଳି ଭସ୍ମୀଭୂତ ହୋଇଯାଇଛି । ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ନିୟନ୍ତ୍ରଣାଧୀନ କରିଥିଲେ । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଯଦୁମଣି ନାୟକଙ୍କ ପରିବାରକୁ ସରକାରୀ ସହାୟତା ଅନିବାର୍ଯ୍ୟ ହୋଇ ପଡିଛି ।

ଶ୍ରୀ ଜଗନ୍ନାଥ ୩୫ କୁମ୍ଭ ଜଳରେ ସ୍ନାନ କରିବେ

ନିମାପଡା, ୦୨/୦୬ (ଆ.ପ୍ର) : ଆସନ୍ତା ୧୧. ତାରିଖରେ ଦେବସ୍ନାନ ପୂର୍ଣ୍ଣିମା..ଦେବ ସ୍ନାନ ପୂର୍ଣ୍ଣିମାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ୩୫ କୁମ୍ଭ ଜଳ ରେ ସ୍ନାନ କରିବେ । ସୁନା କୂଅରୁ ଜଳ ଆସି ମହାପ୍ରଭୁ ସ୍ନାନ କରିବେ । ମହାପ୍ରଭୁ ଏହି କୂଅର ଜଳରେ ସ୍ନାନ କରୁଥିବାରୁ ଏହାକୁ ସୁନା ଭଳି ମୂଲ୍ୟବାନ ବିଚାର କରାଯାଏ । ଶ୍ରୀ ମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଭିତର ଦ୍ୱାର ନିକଟରେ ମା ଶିତଳା ଠାକୁରାଣୀଙ୍କ ସାମ୍ନା ପ୍ଲଟ ନମ୍ବର୍ ୩୫୫/୨୮୪ ରେ ଏହି ଶୁନ କୂଅ ରହିଛି । ଏହି କୂଅର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା ଶିତଳା । ମା ପାତାଳରୁ ଆବିର୍ଭୂତା ବୋଲି କୁହାଯାଏ । ଏହି କୂଅ କେବଳ ସେଇ ଥରକ୍ ପାଇଁ ଉନ୍ମୁକ୍ତ ହୁଏ । ବିଶ୍ୱାସ ରହିଛି ଏହି କୂଅ ରେ ସେଇ ସମୟରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହୁଏ । ସେଠାରୁ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ନିମନ୍ତେ ୩୫ କୁମ୍ଭ, ଶ୍ରୀବଳଭଦ୍ରଙ୍କ ପାଇଁ ୩୩ କୁମ୍ଭ ଦେବୀ ସୁଭଦ୍ରାଙ୍କ ଲାଗି ୨୨ କୁମ୍ଭ ଓ ଚକ୍ରରାଜ୍ ସୁଦର୍ଶନଙ୍କ ନିମନ୍ତେ ୧୮ କୁମ୍ଭ ଜଳ ପୃଥକ୍ ଭାବେ ସଂଗ୍ରହ କରାଯାଇ ଚନ୍ଦନ, କର୍ପୁର, କେଶର ମିଶ୍ରିତ ହେବାପରେ ଅଧିବାସୀ ତ କରାଯାଏ । ଏହି କୂଅକୁ ପ୍ରାୟ ୩୦ ଦୟଣା ମାଳି ସେବକ ପରିବାର ର ପ୍ରାୟ ୩୦ ଜଣ ସେବକ ସଫା କରିବା ପାଇଁ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ନିୟୋଜିତ ହୁଅନ୍ତି । ସେଥିରୁ ପଙ୍କ କଢ଼ା ଯାଏ ।

ସିନାପାଲି ବ୍ଲକସ୍ତରୀୟ ଗାୟତ୍ରୀ ପରିବାର ବୈଠକ

ସିନାପାଲି, ୦୨/୦୬ (ଆ.ପ୍ର) : ସିନାପାଲି ବ୍ଲକ ଗାୟତ୍ରୀ ପରିବାରର ଏକ ବୈଠକ ବ୍ଲକ ସଂଯୋଜକ ଜଗବନ୍ଧୁ ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ନୂଆପଡ଼ା ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମେହେର, ଉପଜୋନ ସହସଂଯୋଜକ ଅର୍ଜୁନ ବାଗ, ରାଜ୍ୟ ଯୁବା ସହପ୍ରଭାରୀ ଶୈଳେସ ଅଗ୍ରୱାଲ, ସିନାପାଲି ଗାୟତ୍ରୀ ଶକ୍ତିପୀଠ ସଭାପତି ଶଶିଭୂଷଣ ମାଝୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ସଦାନନ୍ଦ ଠାକୁର, କ୍ଷମାନିଧି ନିଆଲ, ସତ୍ୟବ୍ରତ ଗହୀର ପ୍ରମୁଖ ମଂଚାସିନ ଥିଲେ । ସଭା ପ୍ରାରମ୍ଭରେ ନବମନୋନିତ ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମେହେରଙ୍କୁ ସିନାପାଲି ବ୍ଲକ ଗାୟତ୍ରୀ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଆସନ୍ତା ଗୁରୁବାରରେ ଗାୟତ୍ରୀ ଜୟନ୍ତୀ ପାଳନ ଓ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଆହ୍ୱାନରେ ହେବାକୁ ଥିବା ୪୦ ଦିନିଆ ଅନୁଷ୍ଠାନ ବିଷୟରେ ବିଶଦ ଆଲୋଚନା କରାଯାଇ ଦାୟିତ୍ୱ ବଂଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ମେହେର, ହିରାଲାଲ ଅଗ୍ରୱାଲ, ତରୁଣ କୁମାର ମେହେର, ମୁକେଶ ଅଗ୍ରୱାଲ, ରିପୁଧର ମେହେର, ଶ୍ରୀକାନ୍ତ ମେହେର, ଦିନେଶ ମେହେର, ରମେଶ ମେହେର, ସରୋଜ ମେହେର ପ୍ରମୁଖଙ୍କ ସହ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଗାୟତ୍ରୀ ପରିବାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ନୂଆପଡ଼ାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡା,୦୨/୦୬ (ଆ.ପ୍ର) : ନୂଆପଡ଼ା ସଦର ମହକୁମା ସ୍ଥିତ ସଦ୍ଭାବନା ସଭା ଗୃହଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ଶିବିରରେ ମୋଟ ୮୬ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି । ଏଥିରୁ ୬୩ ଟି ବ୍ୟକ୍ତିଗତ ୨୧ ଟି ଗୋଷ୍ଠୀଗତ ଓ ୨ ଟି ରେଡ୍ କ୍ରସ୍ ସାହାଯ୍ୟ ସମ୍ବନ୍ଧୀୟ ଥିଲା । ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅସହାୟ ମହିଳା ଇନ୍ଦ୍ରାବତୀ ସଗରିଆ, ଠିକପାଲି ଏବଂ କମଳା ତାଣ୍ଡି, ପେଟିଆପାଲିଙ୍କୁ ପାଂଚ ହଜାର ଟଙ୍କା ଲେଖାଏଁ ତତ୍କାଳୀନ ସହାୟତା ରେଡ୍ କ୍ରସ ପାଣ୍ଠି ରୁ ଯୋଗାଇ ଦିଆ ଯାଇଥିଲା । ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ, ଜିଲ୍ଲା ବନଖଣ୍ଡ ଅଧିକାରୀ ଖଡ଼ିଆନ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁରୁପ୍ରସାଦ ଜେନା, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲିପ ନିର୍ମଳକର, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଭରତ ଲାଲ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ଡେପୁଟି କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା ଯେଉଁଠାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ରମେଶ ଚନ୍ଦ୍ର ପାଠକ, ଡାକ୍ତର ଅନୁପ କୁମାର ଅଗ୍ରୱାଲ ପ୍ରମୁଖ ଚିକିତ୍ସା ଯୋଗାଇ ଦେଇଥିଲେ । ବର୍ଷା ଋତୁର ଆଗମନ ଶିଘ୍ର ହୋଇଯାଇଥିବାରୁ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ମନରେଗା ଯୋଜନାରେ କାମ ଯୋଗାଇ ପ୍ରବାସୀ ଶ୍ରମିକ ସମସ୍ୟାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ

ଭବାନୀପାଟଣା, ୦୨/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଣ୍ଡେ ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୫୮ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୩୪ ଗୋଟି ଓ ସାମୂହିକ ୧୫ ଗୋଟି ରହିଥିବା ବେଳେ ୨୯ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, (ପ୍ରବେଶନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ପି ଡି, ଡ୍ରଡା, ମୁନିନ୍ଦ୍ର ହୋନନା ଗା, ଡେପୁଟି କଲେକ୍ଟର ଚିତରଞ୍ଜନ ପିଲା, ତହସିଲଦାର, ଶୁଭସ୍ମିତା ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଯାଦବ ସମାଜ ପକ୍ଷରୁ ପବିତ୍ର ରେଜାଙ୍ଗଲା ମାଟି କଳସକୁ ପାପଡ଼ାହାଣ୍ଡି ଠାରେ କଂଗ୍ରେସ ଦଳ ତରଫରୁ ଭବ୍ୟ ସ୍ୱାଗତ

ପାପଡାହାଣ୍ଡି, ୦୨/୦୬ (ଆ.ପ୍ର) : ପାପଡାହାଣ୍ଡି ଶହିଦ୍ ମିନାର ଠାରେ ଯାଦବ ସମାଜ ପକ୍ଷରୁ ପବିତ୍ର ରେଜାଙ୍ଗଲା ମାଟି କଳସକୁ ପାପଡ଼ାହାଣ୍ଡି ଠାରେ କଂଗ୍ରେସ ଦଳ ଭବ୍ୟ ସ୍ୱାଗତ କରିଛନ୍ତି । ଏହି କଳସ ଯାତ୍ରା ସୁସଜ୍ଜିତ ରଥ ସହ ଏକ ବାଇକ୍ ରେଲି ପାପଡ଼ାହାଣ୍ଡି ସଦରରେ ପରିକ୍ରମା କରି ନବରଙ୍ଗପୁର ଯାତ୍ରା କରିଥିଲେ । ଅଖିଳ ଭାରତବର୍ଷ ଯାଦବ ମହାସଭା, ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ଏହି ଶହିଦ ମାଟି କଳସକୁ ସ୍ୱାଗତ କରି ଭବ୍ୟ ଏବଂ ଦିବ୍ୟ ସ୍ମୃତି ଗାଥା ବଖାଣି ଥିଲେ ମିଶନ ଅହୀର ଯାଦବ ରେଜୀମେଂଟ କରିବା ନେଇ ସମସ୍ତେ ଆହ୍ୱାନ କରିଛନ୍ତି । ବିହାର ଛପରାରୁ ବାହାରି ୧୯୬୨ ଚାଇନା ସହ ଯୁଦ୍ଧ ହୋଇଥାଏ । ମିଶନ ଅହୀର ଯାଦବ ରେଜୀମେଂଟ ୧୨୦ ରୁ ଉର୍ଦ୍ଧ ଯବାନ ସହୀଦ ହୋଇଥିଲେ । ମିଶନ ଅହୀର ଯାଦବ ରେଜୀମେଂଟ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ଦାବୀ କରୁଛନ୍ତି । ଏହି ଶହିଦ ମାଟି କଳସଟି ଭାରତ ପରିଭ୍ରମଣ କରି ନଭେମ୍ବର ୧୮ ତାରିଖରେ ନ୍ୟୁ ଦିଲ୍ଲୀ ପହଂଚି ରେଜିମେଂଟ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପନା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି । ଏହି ଅବସରରେ ଜିଲ୍ଲା କଂଗ୍ରେସ ଦଳ ସଭାପତି ଭୁଜବଳ ମାଝୀଙ୍କ ନେତୃତ୍ୱରେ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସନ୍ଧ୍ୟା ଲିପିକା ମାଝୀ, ଉମରକୋଟ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ, ପାପଡ଼ାହାଣ୍ଡି କଂଗ୍ରେସ ଦଳ ସଭାପତି ଶ୍ରୀକାନ୍ତ ମିଶ୍ର, ନନ୍ଦାହାଣ୍ଡି ବ୍ଲକ୍ ସଭାପତି ବୃନ୍ଦାବନ ତ୍ରିପାଠୀ, ବି ବିକାଶ ରାଓ, ଉତ୍କଳ ଯାଦବ ମହାସଭା ସଭାପତି ମନୋଜ ମହାକୋଡ, କୋରାପୁଟ ଅବିଭକ୍ତ ଜିଲ୍ଲା ସମ୍ପାଦକ ମୋତିରାମ ନାୟକ, ଯାଦବ ସମାଜ ଲୋକଙ୍କ ସହ କଂଗ୍ରେସ କର୍ମୀ ଯୋଗ ଦେଇ ଥିଲେ ।

ଆମାନାରା ଗ୍ରାମ ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୦୨/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ନୂଆପଡ଼ା ବ୍ଲକ ରେ ଅଭିଯୋଗ ଶୁଣାଣୀ ଶିବିର ପରେ ଆମାନାରା ଗ୍ରାମ ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ୍, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଳ କର, ଜିଲ୍ଲା ପରିଷଦ ସଦସ୍ୟା ଜମା ଠାକୁର, ବିଡିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ସ୍ଥାନୀୟ ସରପଂଚ ବଗେଶ୍ୱରୀ ସିନ୍ହା, ସମିତି ସଭ୍ୟା ନୂତନ ନାଏକ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ଲକ୍ଷ୍ମୀ ରାଉତଙ୍କୁ କୋଳରେ ଧରି ତା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହା ସହିତ ଶିଶୁ କନ୍ୟା ମାନବୀ ଭଜିରର ଅନ୍ନ ପ୍ରାଶନ୍ନ କରିଥିଲେ । ସେମାନଙ୍କ ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ରୋପଣ ପାଇଁ ପ୍ରଦାନ କରି ଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁ ର ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ସେମାନଙ୍କ ପରିବାରକୁ ଏହି ଆଗାମୀ ଦିନର ମାଆମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ଉତ୍ସାହିତ କରିଥିଲେ ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଆମାନାରା ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିବିରକୁ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା, ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ନୂଆପଡ଼ା ସିଡିପିଓ, ସ୍ଥାନୀୟ ସରପଂଚ, ସମିତି ସଭ୍ୟା ପ୍ରମୁଖ ଆୟୋଜନ କରିଥିଲେ । ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଛନ୍ତି । ଗୋଟିଏ ସୁସ୍ଥ ସମାଜ ପାଇଁ ଝିଅ ଏବଂ ଗଛ ଉଭୟ ଅତ୍ୟନ୍ତ ଜରୁରୀ ଥିବାରୁ ସମସ୍ତେ ସେମାନଙ୍କ ସମୁଚିତ ଯତ୍ନ ନେବା ଆବଶ୍ୟକ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ଜନ ଶୁଣାଣୀ ଦିବସ ଅପରାହ୍ନରେ ସେହି ବ୍ଲକର ଗୋଟିଏ ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ସହିତ ଏଭଳି ନିଆରା କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ବିଶେଷ ଆଦୃତି ଲାଭ କରିଛି ।

ବାଲି ବୋଝେଇ ଟ୍ରାକ୍ଟର ଦୁର୍ଘଟଣାରେ ଯୁବକ ମୃତ

କେନ୍ଦୁଝର, ୦୨/୦୬ (ଆ.ପ୍ର) : ସୋମବାର ଦିନ ସକାଳ ୯ ଟା ସମୟରେ କାଶୀପୁର ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଜଣେ ଯୁବ ବାଇକ ଚାଳକଙ୍କ ଉପରେ ଚଢି ଯାଇଥିଲା । ବାଇକ ଚାଳକ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଟୋ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଯୁବକ ଜଣକ ହେଉଛନ୍ତି ବଡ଼ବିଲ ମହାନ୍ତ ସାହି ବସ୍ତିର ଚନ୍ଦ୍ରମୋହନ ମହାନ୍ତଙ୍କ ୨୮ ବର୍ଷୀୟ ପୁଅ ଜିତେନ୍ଦ୍ର ମହାନ୍ତ । ସେ କେନ୍ଦୁଝରର ଆପଲୋ ଫାର୍ମାସୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟକରୀ ପରିବାର ପ୍ରତିପୋଷଣ କରୁଥିଲେ । ପୁଅର ଅକାଳ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଯୁବକ ଜଣଙ୍କ ରାସ୍ତାରେ ଯାଉଥିବା ବେଳେ ବାଲି ବୋଝେଇ ଟ୍ରାକ୍ଟରର ଡାଲା ବାଡେଇ ହୋଇ ପଛ ଚକ ତଳେ ପଡି ଯାଇଥିଲେ । ପଛ ଚକା ତାଙ୍କର ପେଟ ଉପରେ ଚଢ଼ି ଯାଇଥିବା ବେଳେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ । ତୁରନ୍ତ ତାଙ୍କୁ ଉଦ୍ଧାର କରି ଲୋକେ ଏକ ଅଟୋ ଯୋଗେ ଡାକ୍ତରଖାନା ପଠାଇବା ସହ ଟ୍ରାକ୍ଟରକୁ ଅଟକାଇଥିଲେ ।ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି ।

କବୟିତ୍ରୀ ଶିବାନୀ ଭଟ୍ଟାଚାର୍ଯ୍ୟ ପାଇଲେ ଲାବଣ୍ୟବତୀ ମହାନ୍ତି ସ୍ମୃତି ସମ୍ମାନ

ଜଗତସିଂହପୁର,୦୨/୦୬ (ଆ.ପ୍ର) : ଜଗତସିଂପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ ପଂଚାୟତ ଗନ୍ଧପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଭଗ୍ନେଶ୍ୱରୀ ନାରାୟଣୀ ସାହିତ୍ୟ ପରିଷଦ ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଶିବାନୀ ଭଟ୍ଟାଚାର୍ଯ୍ୟଙ୍କୁ ଲାବଣ୍ୟବତୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ଶିବାନୀ ଭଟ୍ଟାଚାର୍ଯ୍ୟ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପରେ ପ୍ରଧାନ ଶିକ୍ଷୟିତ୍ରୀ ପଦ ଅଳଙ୍କୃତ କରିଥିଲେ । ଦକ୍ଷତାର ସହ ନିଜର ଗୁରୁଦାୟିତ୍ୱ ବହନ କରି ଅବସର ଗ୍ରହଣ କରିଥିଲେ । ଅବସର ଜୀବନକୁ ବାଣୀ ଆରାଧନାରେ ନିଜକୁ ଉତ୍ସର୍ଗ କରି ବହୁ କବିତା, ପ୍ରବନ୍ଧ ଓ ଅନୁବାଦ ବିଭାଗରେ ଲେଖନୀ ଚାଳନା କରୁଛନ୍ତି । ତାଙ୍କର ଉଚ୍ଚକୋଟୀର ଓ ମାର୍ମିକ ରଚନା ନିମନ୍ତେ ବହୁ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ସୁଶ୍ରୀ ଭଟ୍ଟାଚାର୍ଯ୍ୟ ରଘୁନାଥପୁର ବ୍ଲକ ଗୋପାଳପୁର ଗ୍ରାମର ସ୍ୱର୍ଗତଃ ବିଷ୍ଣୁଚରଣ ଭଟ୍ଟାଚାର୍ଯ୍ୟ ଓ ସ୍ୱର୍ଗତା ମମତରାଣୀ ଭଟ୍ଟାଚାର୍ଯ୍ୟଙ୍କ ସୁପୁତ୍ରୀ ଅଟନ୍ତି । ତାଙ୍କ ସାରସ୍ୱତ ସାଧନାକୁ ସମ୍ମାନ ଜଣାଇ ପରିଷଦର ସମ୍ପାଦିକା ଗନ୍ଧପୁର ଗୌରବ ପ୍ରତିଭାରାଣୀ ରାୟ ସୁଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରି ମହିୟସୀ ସମାଜସେବୀ ଲବଣ୍ୟବତୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରିଛନ୍ତି । ସୁଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ସୁବର୍ଣ୍ଣପୁର ଠାରୁ ବନମାଳୀ ପୁର ରାସ୍ତା ନିର୍ମାଣ ଅବହେଳାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ପାତ୍ରପୁର, ୦୨/୦୬ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଗୁଣ୍ଡରା, ଆମ୍ବପୁର ଓ ଜରଡା ପଂଚାୟତର ପ୍ରାୟ ୯ ଖଣ୍ଡ ଗ୍ରାମବାସୀ ସୁବର୍ଣ୍ଣପୁର ଠାରୁ ବନମାଳୀପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା ନିର୍ମାଣ ଅବହେଳାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ ଗତ ୨୦୨୪ ମସିହାରେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନୁଯାୟୀ ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ସୀମାନ୍ତ ମାଣିକପୁର ଭାୟା ସୁନାରେଡି, ସୁନାଖଳା, ଜଗନ୍ନାଥପୁର, ସୋମନାଥପୁର, ଖଣ୍ଡଦେଉଳୀ, ମହାଦେଇପୁର ଓ ମଦନପୁର ଆଦି ଗ୍ରାମକୁ ନୂତନ ଭାବେ ରାସ୍ତା ନିର୍ମାଣ ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ତରଫରୁ ସୁନାରେଡି ଠାରେ ଭିତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଠିକାଦାର ରାସ୍ତା ନିର୍ମାଣ କାମ ଆରମ୍ଭ କରିଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ ସୁବର୍ଣ୍ଣପୁର ଠାରୁ ସୁନାରେଡି ପର୍ଯ୍ୟନ୍ତ ପଦ୍ମତୋଳା ଶାଖା କେନାଲ ହିଡକୁ ଜେସିବି ମେସିନ୍ ଦ୍ୱାରା ମାଟି ଖୋଳା ଖୋଳି କରି ଉଛରେ ଥିବା ହିଡକୁ କାଟି ମାଟି ବିଛାଇ ରାସ୍ତା ଓସାରିଆ କରି ଦେଇଛନ୍ତି । ଯାହା ଦ୍ୱାରା କି ଆଗାମୀ ବର୍ଷା ଋତୁରେ ପଦ୍ମତୋଳା କେନାଲର ପାଣି ଚାଷ ଜମିରେ ପଶି ପ୍ରାୟ ୫୦୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଷ୍ଟ ହେବାର ସମ୍ଭାବନା ରହିଛି । ଯଦି ଏହିପରି ନାଳ ପାଣି ଚାଷ ଜମିରେ ପଶେ ତେବେ ଚଳିତ ବର୍ଷ ଧାନ ରୁଆ ସମ୍ଭବ ପର ନୁହେଁ, ଯାହା ଦ୍ୱାରା ପ୍ରାୟ ୨୦୦ ରୁ ୩୦୦ ଗରିବ ଚାଷୀ ପରିବାରଙ୍କ ଜୀବିକା କଷ୍ଟକର ହେବାର ଆଶଙ୍କା ରହିଛି । ଏଥି ସହିତ ସୁନାଖଳା, ଜଗନ୍ନାଥପୁର, ସୋମନାଥପୁର, ଖଣ୍ଡଦେଉଳୀ, ମହାଦେଇପୁର, ବନମାଳୀପୁର, ମାଣିକପୁର ଗ୍ରାମରେ ମୁଖ୍ୟ ରାସ୍ତା ମାନଙ୍କରେ ରାସ୍ତା ଓସାରିଆ ନକରି ମାଟି ବିଛାଇ ତା ଉପରେ ମେଟାଲ ବିଛେଇ ରାସ୍ତା କାମକୁ ଅଧାପନ୍ତରିଆ ଛାଡି ଚାଲିଯାଇଛନ୍ତି ଉକ୍ତ ଠିକାଦାର ଜଣକ । ଯାହା ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମୟରେ ଉକ୍ତ ରାସ୍ତା ଦେଇ ଛାତ୍ରଛାତ୍ରୀ, ମହିଳା, ବୃଦ୍ଧ ବୟସର ଲୋକ ଛୋଟ ମୋଟ ସଡକ ଦୁର୍ଘଟଣା ଘଟି ଖଣ୍ଡିଆ ଖାବରା ହେଉଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ଏହି ବିଷୟରେ ଅନୁଧ୍ୟାନ କରି ୩ଟି ପଂଚାୟତର ୯ ଖଣ୍ଡ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥି ସହିତ ଏହାର ଏକକିତା ନକଲ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ, ଚିକିଟୀ ବିଧାୟକ, ଦକ୍ଷିଣାଂଚଳ ରାଜସ୍ୱ ନୀରିକ୍ଷକ, ଜିଲ୍ଲାପାଳ ଗଞ୍ଜାମ,ଉପ ଜିଲ୍ଲାପାଳ ବ୍ରହ୍ମପୁର ଓ ତହସିଲଦାରଙ୍କୁ ମଧ୍ୟ ଅଂଚଳ ବାସୀ ଅବଗତ କରିଛନ୍ତି ।

ଜାତୀୟ ରାଜପଥରେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା

ମିଳିଲା ପରିଚୟ, ମୃତ ଯୁବକ ଜଣେ ଏଏସ୍ଆଇ ପବିତ୍ର ଗୋଲାପି

ଭବାନୀପାଟଣା, ୦୨/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଭବାନୀପାଟଣା ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥର ବନମାଳୀପୁର ଛକ ନିକଟରେ ରବିବାର ସକାଳୁ ବାଇକ୍ ସହ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଯୁବକଙ୍କ ପରିଚୟ ଜଣାପଡ଼ିଛି । ଯୁବକ ଜଣକ ଜଣେ ଏଏସ୍ଆଇ ହୋଇଥିବା ବେଳେ ତାଙ୍କ ନାଁ ପବିତ୍ର ଗୋଲାପି ଓ ଘର କୋରାପୁଟ ଜିଲ୍ଲାରେ ବୋଲି ସୂଚନା ।

ମୃତ ଏଏସ୍ଆଇ ପବିତ୍ର ଗୋଲାପି କଳାହାଣ୍ଡି ଜିଲ୍ଲା କେଗାଁ ଥାନାରେ କାର୍ଯ୍ୟରତ ଥିଲେ ପରେ ନିଲମ୍ବିତ ହୋଇ ଭବାନୀପାଟଣା ରିଜର୍ଭ ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ଘଟଣାସ୍ଥଳରେ ଅତିରିକ୍ତ ଏସପି ଓ ତାଙ୍କ ଟିମ୍ ସହିତ ତଦନ୍ତ ଆରମ୍ଭ କରିଛନ୍ତି । ଏପଟେ ମୃତ ଏଏସ୍ଆଇଙ୍କ ସାନଭାଇ ନରେନ୍ଦ୍ର ଗୋଲାପି ଘଟଣାସ୍ଥଳରେ ପହଂଚି ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଗଣମାଧ୍ୟମକୁ କହିଛନ୍ତି । ଅର୍ଦ୍ଧ ଦଗ୍ଧ ଶବକୁ ପୋଲିସ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିବା ବେଳେ ପରିବାର ବର୍ଗ ମଧ୍ୟ କୋରାପୁଟରୁ ଆସି ପହଂଚିଛନ୍ତି ।

ବଡ଼ଚଣା ବ୍ଲକରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଛତିଆ, ୦୨/୦୬ (ଆ.ପ୍ର) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଂଚାୟତ ଅଧିନରେ ଥିବା ଚମ୍ପାପୁର ଠାରେ ରବିବାର ଦିନ ବିକଶିତ କୃଷି ସଂକଳ୍ପ ଅଭିଯାନ ଆନୁକୂଲ୍ୟରେ ଚାଷୀଭାଇ ଓ ଭଉଣୀ ମାନଙ୍କୁ ପ୍ରାକ୍ ଖରିଫ୍ ଫସଲ ପାଇଁ ଆଧୁନିକ ଜ୍ଞାନ କୌଶଳ, ସରକାରୀ ଯୋଜନା, ପ୍ରୋତ୍ସାହନ ଉପରେ ପ୍ରଶିକ୍ଷଣ ଦିଆଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ କୃଷି ଗବେଷଣା ପରିଷଦର ସଂଗୀତ ଗାନ କରାଯାଇଥିଲା । ଭାରତର ମାନନୀୟ ପ୍ରଧାନମନ୍ତ୍ରୀଙ୍କର ଅଭି ଭାଷଣ ପରିବେଷଣ କରାଯାଇଥିଲା । ବ୍ଲକ୍ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଜୟ କୁମାର ରାଉତ ରାୟ, ଓ ବବିତା ମିଶ୍ର, ବ୍ଲକ୍ ସହକାରୀ କୃଷି ଅଧିକାରୀ ସୋନାଲି ରାଉତ, ଓଃ. ଆର୍ଯ୍ୟ ପ୍ରକାଶ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ, ସରପଂଚ ସୁଲୋଚନା ପ୍ରଧାନ, ପଂଚାୟତ ସମିତି ସଭ୍ୟ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ କୃଷି ତଥା କୃଷକର ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋଚନା ପାଡ କରିଥିଲେ । କେନ୍ଦ୍ରୀୟ କୃଷି ରତ ମହିଳା ସଂସ୍ଥାନର ବୈଜ୍ଞାନିକ ଓ. ଲିପି ଦାଶ କେନ୍ଦ୍ର ସରକାରୀ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ଉପରେ ଆଲୋଚନା କରିଥିଲେ । ସମସ୍ତ ବୈଜ୍ଞାନିକ ଓ ଅଧିକାରୀ ଓଡ଼ିଶା ସରକାରଙ୍କର କୃଷି ତଥା ଆନୁସଙ୍ଗିକ ବିଷୟର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେସଙ୍ଗେ, ବିଭିନ୍ନ ଫସଲର ସମନ୍ୱିତ ରୋଗ ପୋକ ପରିଚାଳନା, ଅଦିନିଆ ପନିପରିବା ଚାଷ, ଉନ୍ନତ କିସନ, ସୁରକ୍ଷିତ ଚାଷ, ଜୈବିକ ଚାଷ ମାଛ ଓ ପଶୁପାଳନ ଇତ୍ୟାଦି ସମ୍ବନ୍ଧରେ ନିଜନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ କୃଷି ରଥ ଦ୍ୱାରା ଚାଷୀ ଭାଇ ଭଉଣୀ ମାନଙ୍କୁ ଓଡିଶା ସରକାରଙ୍କର ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ କୃଷି ଓଭରସିୟର ସୌଦାମିନି ନାଥ, ମନୋଜ କର, ଜ୍ୟୋତିର୍ମୟୀ ଦଳେଇ, ଗ୍ରାମ୍ୟ କୃଷି କର୍ମଚାରୀ ଅନନ୍ତ ସାହୁ, ଶିବପ୍ରସାଦ ଶତପଥୀ, ରଞ୍ଜୁ ନାୟକ, ଏଟିଏମ୍ ନରୋତମ ମହାନ୍ତି, ଶାଶ୍ୱତୀ ନନ୍ଦ, ଅର୍ଚ୍ଚନା ପ୍ରଧାନ, ମୋନାଲିସା ସାହୁ ସହଯୋଗ କରିଥିଲେ ।

ବ୍ରାହ୍ମଣପାଦ ଗ୍ରାମପଂଚାୟତ ସରପଂଚଙ୍କ ହୃଦ୍‌ଘାତରେ ପରଲୋକ

ଟିକାବାଲି, ୦୨/୦୬ (ଆ.ପ୍ର) : ତକାପାଦ ବ୍ଲକ ବ୍ରାହ୍ମଣପାଦ ଗ୍ରାମପଂଚାୟତ ସରପଂଚ ହେମକେଶ ମଲିକ(୫୭)ଙ୍କ ହୃଦଘାତରେ ପରଲୋକ ଘଟିଛି । ଗତକାଲି ସେ କୌଣସି କାମରେ ନିଜ ଗାଡ଼ି ଧରି ଶଙ୍କରାଖୋଲ ଯାଇଥିଲେ । ନିଜର କାର୍ଯ୍ୟ ସାରି ଫେରିବା ସମୟରେ ଲାଇନପଡ଼ା - ନନ୍ଦିନୀ ଘାଟି ରାସ୍ତାରେ ତାଙ୍କୁ ଅଣନିଶ୍ୱାସି ଲାଗିଥିଲା । ନିଜର ସ୍ୱାସ୍ଥ୍ୟକୁ ଦୁର୍ବଳ ମନେକରି ସେ ଗାଡ଼ିଟିକୁ ଗୋଟିଏ ପାର୍ଶ୍ୱରେ ରଖିଦେଇଥିଲେ । ସେହି ଗାଡ଼ିରେ ବସିଥିବା

ଜନୈକା ମହିଳା ସରପଂଚ ହେମକେଶଙ୍କୁ ଡ୍ରାଇଭିଂ ସିଟ୍ ରେ ଟଳି ପଡ଼ିଥିବା ଦେଖିବାକୁ ପାଇଲେ । ଘଟଣା ସ୍ଥଳରୁ କେହି ଜଣେ ବ୍ୟକ୍ତି ତାଙ୍କୁ ସେହି ଗାଡ଼ିରେ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚାଇଥିଲେ । ସ୍ୱାସ୍ଥ୍ୟ ଅଧିକାରୀ ଡ . ଦୀପକ ପାତ୍ର ତାଙ୍କୁ ଚିକିତ୍ସା ଅବସ୍ଥା ରେ ମୃତ ଘୋଷଣା କରିଥିଲେ । ଖବର ପାଇ ସଦନବକ ତକାପାଦ ଥାନା ଅଧିକାରୀ ଲଳିତ ମୋହନ ସାଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ମର ଶରୀରଟିକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି । ଏନେଇ ତକାପାଦ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସାଗର ସୂଚନା ଦେଇଛନ୍ତି । ସ୍ୱର୍ଗତ ସରପଂଚ ହେମକେଶଙ୍କ ମୃତ୍ୟୁରେ ବ୍ରାହ୍ମଣପାଦ ପଂଚାୟତ ତଥା ସମଗ୍ର ତକାପାଦ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ହୃଦ୍‌ଘାତରେ ଯୁବକ ମୃତ

ରଣିଆ, ୦୨/୦୬ (ଆ.ପ୍ର) : ପାଟଣା ସାହିର ବିରବର ବେହେରାଙ୍କ ପୁଅ ବିଭୂତି ବେହେରା ମେଡିସିନ ରିପ୍ରେଜନଟିଭ ଭାବେ କାମ କରୁଥିଲେ । ଗତକାଲି ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା ଦେଖିସାରି ସାଙ୍ଗ ମାନଙ୍କ ସହିତ ବରଗଡ ଯାଉଥିବା ବେଳେ ହଠାତ୍ ଶରୀର ଅସୁସ୍ଥ ହେବାରୁ ସେ ଖସି ପଡ଼ିଥିଲେ । ତାଙ୍କୁ ତୁରନ୍ତ ବରଗଡ଼ ମେଡ଼ିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ତେବେ ଅପରାହ୍ନରେ ମରଶରୀର ତାଙ୍କ ନିଜ ବାସଭବନରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରିବାର ପ୍ରିୟଜନ ତଥା ସାଙ୍ଗସାଥି ବିଭୂତିଙ୍କୁ ଦେଖିବାକୁ ପ୍ରାୟ ଏକଘଂଟା ଧରି ଅପେକ୍ଷାକରି ରହିଥିଲେ । ଭେଣ୍ଡିଆ ପୁଅକୁ ହରାଇ ବାପା ସ୍ତବ୍ଧ ପାଲଟିଯାଇଥିବା ବେଳେ ମା ଆଖିରୁ ଝରି ଚାଲିଥିଲା ଲୁହ । ପରିବାରର ରୋଜଗାରିଆ ପୁଅ ହିସାବରେ ପରିବାର ପ୍ରତିପୋଷଣ ପାଇଁ ଘର ଛାଡି ସୁଦୂର ବରଗଡର ଏକ ମେଡିସିନ କମ୍ପାନୀରେ ମେଡ଼ିସିନ ରିପ୍ରେଜନଟିଭ ଭାବେ କାମ କରୁଥିଲେ । ତେବେ କିଏ ଜାଣିଥିଲା ଘରର ପରିବାରର ବୋଝ ମୁଣ୍ଡେଇ ଚାକିରି କରିବାକୁ ହସି ହସି ଯାଇଥିବା ଭେଣ୍ଡା ପୁଅଟି ଆଜି ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଚାଲିଯିବ ଆରପାରିକୁ । ଏଭଳି ଏକ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ରଣିଆ ପାଟଣାସାହିରେ । ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ମଶାଣିରେ ବିଭୂତିଙ୍କ ଶବଦାହ କରାଯାଇଥିଲା । ତେବେ ବିଭୂତିଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ଯାଜପୁର,୦୨/୦୬ (ଆ.ପ୍ର) : ଯାଜପୁର ସହରର ପ୍ରତିଷ୍ଠିତ ଯୁବ ବ୍ୟବସାୟୀ ସ୍ୱର୍ଗତ ଉମାକାନ୍ତ ପାତ୍ରଙ୍କ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ନିଜ ବ୍ୟବସାୟୀ ସଂସ୍ଥା (ଜାରକା)କୁ ଦୁଇ ଚକିଆ ଯାନରେ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି । ତାଙ୍କର ପରଲୋକ ଗମନ ଖବର ପାଇବା ମାତ୍ରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି । ସହରର ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ପକ୍ଷରୁ ମୃତ ଶୋଭାଯାତ୍ରା ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଯାଇଛି । ହରପାର୍ବତୀ ପୂଜା କମିଟି ପକ୍ଷରୁ, ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଲିପ କୁମାର ଦାଶଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ବୃନ୍ଦ ଉପସ୍ଥିତ ରହି ଶବ ଉପରେ ପୁଷ୍ପମାଳ୍ୟ ଅର୍ପଣ କରିଥିଲେ । ତାଙ୍କ ବିୟୋଗରେ ଯାଜପୁର ସହର ମଧ୍ୟରେ ଶୋକ ର ଛାୟା ଖେଳିଯାଇଛି ।

ଡଃ ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜଗତସିଂହପୁର, ୦୨/୦୬ (ଆ.ପ୍ର) : ଆଜି ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଡଃ ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ବଙ୍ଗଳା ଛକ ରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଅବସରରେ ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ, ପୌରନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ପୌର ପରିଷଦ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା : ବ୍ୟାପକ ପଟୁଆରରେ ସୁନାପାଙ୍ଗା ପରିଭ୍ରମଣ

ବାଲିଗୁଡା, ୦୨/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା 'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ସୋମବାର ୨୮ ଦିନରେ ପହଂଚିଥିବା ବେଳେ ନଗର ପରିଭ୍ରମଣ ୨୧ ଦିନରେ ପହଂଚିଛି । ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦିନ ତମାମ ପୂଜକ ମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଥିବା ବେଳେ ଚଳିତ ମାସ ୬ତାରିଖ ଦିନ ମା' ମାନେ ନିଜ ନିଜ ପୀଠକୁ ପ୍ରତ୍ୟାବର୍ତ୍ତନ ହେବାକୁ ଥିବା ବେଳେ ଗାନ୍ଧୀଛକସ୍ଥିତ ମା 'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ସମେତ ସମଗ୍ର ଅଂଚଳରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇ ଶେଷ ପର୍ଯ୍ୟାୟ ହୋଇଯାଉଥିବାରୁ ଭକ୍ତ ଙ୍କ ଭିଡ଼ ଲାଗି ରହୁଛି । ଅସ୍ଥାୟୀ ପୀଠରେ ମା 'ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି । ବିଶେଷ କରି ପ୍ରତିଦିନ ସକାଳ ଓ ସନ୍ଧ୍ୟା କାଳୀନ ଆଳତୀ ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି । ସୋମବାର ୨୮ ଦିନରେ ସୁନାପାଙ୍ଗା ପୂଜା କମିଟି ଅଂଚଳକୁ ମା 'ମାନଙ୍କ ଆଗମନ ହୋଇଥିଲା । ବିଭିନ୍ନ ବାଜା ବାଜଣା, ନୃତ୍ୟ ଗୀତରେ ଅସ୍ଥାୟୀ ପୀଠ ଠାରୁ ବାହାରି ଗାନ୍ଧୀ ଛକ, ହାଇସ୍କୁଲ ଛକ, ବନ୍ଧ ସାହି ଛକ, ସାଇମନ୍ଦିର ଛକଦେଇ ସୁନାପାଙ୍ଗା ରେ ପ୍ରବେଶ କରି ଅସ୍ଥାୟୀ ପୂଜା ମଣ୍ଡପକୁ ମା' ମାନଙ୍କୁ ପାଛୋଟି ନେଇଥିଲେ । ଭକ୍ତ ପୂଜା ମଣ୍ଡପରେ ପହଂଚିବା ପରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅଂଚଳର ସମସ୍ତ ଭକ୍ତ ବିଶେଷ କରି ମହିଳା ଭକ୍ତ ମାନେ ଉପସ୍ଥିତ ରହି ମା'ଙ୍କ ଶୁଭାଶୀର୍ବାଦ ଭିକ୍ଷା କରିଥିଲେ । ଶେଷରେ ଅନ୍ନ ପ୍ରସାଦ ବଂଟନର ବ୍ୟବସ୍ଥା କରାଯାଇଥିଲା । ମଙ୍ଗଳବାର ଦଣ୍ଡପଦର ଅଂଚଳକୁ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ଥିବା ବେଳେ ବୁଧବାର ବଜାର ସାହିର ଆଚାର୍ଯ୍ୟ କଲୋନୀକୁ ମା'ଙ୍କ ଆଗମନ ଥିବା ଜଣାପଡିଛି । ଆଗାମୀ ଦିନରେ ହେବାକୁ ଥିବା ପ୍ରତ୍ୟେକ ସାହିରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ଅସ୍ଥାୟୀ ମଣ୍ଡପ ତୋରଣର ନିର୍ମାଣ କାର୍ଯ୍ୟ ଭକ୍ତଙ୍କୁ ବେଶ ଖୋରାକ ଯୋଗାଉଛି । ଏଥିରେ ଯାତ୍ରା କମିଟି ସହ ସୁନାପାଙ୍ଗା ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଖଣ୍ଡପଡ଼ା ବିଧାୟକଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୦୨/୦୬ (ଆ.ପ୍ର) : ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏକ ଜନଶୁଣାଣୀ ଶିବିର ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡିକ ଉପରେ ଶୁଣାଣି କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧିନ ୨୨ ଗୋଟି ପଂଚାୟତ ଓ ଖଣ୍ଡପଡ଼ା ସହରର କିଛି ବ୍ୟକ୍ତି ଅଭିଯୋଗପତ୍ର ଧରି ସିଧାସଳଖ ବିଧାୟକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ । ସର୍ବମୋଟ ୨୪୮ ଗୋଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ଏବିଡିଓ ଝାଡେଶ୍ୱର ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡା, କୃଷି ବିଭାଗ ଅଧିକାରୀ ଭବାନୀଶଙ୍କର ମିଶ୍ର, ବ୍ଲକ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ଅଜିତ କୁମାର ବଡସେଣ୍ଠ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଶ୍ୱିନୀ କୁମାର ଶାନ୍ତଙ୍କ ସମେତ ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗର ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ବାଣପୁରରେ ମୁକ୍ତି ଦିବସ ପାଳିତ : ବିପ୍ଳବୀ କୃତିବାସ ପାଟଶାଣିଙ୍କୁ ଦିଆଗଲା ଅଶେଷ ଶ୍ରଦ୍ଧାଞ୍ଜଳି

ଚିଲିକା/ବାଣପୁର,୦୨/୦୬ (ଆ.ପ୍ର) :ଜୁନ୍ ୧.୨.୩ ତାରିଖ, ଏହି ତିନିଦିନ ବାଣପୁର ମୁକ୍ତି ଦିବସ । ପ୍ରତ୍ୟେକ ବାଣପୁର ବାସୀଙ୍କ ପାଇଁ ଏହି ତିନିଦିନ ଗର୍ବ ଆଉ ଗୌରବର ଦିନ । ୧୮୩୬ ମସିହା ଜୁନ୍ ପହିଲାରେ ଅରାଙ୍ଗଗଡ଼ର ଦଳବେହେରା କୃତିବାସ ପାଟଶାଣି ଏହି ଦିନ ଶତାଧିକ କନ୍ଧପାଇକ ଓ ସାନସିରେଇପୁର, ଭାପୁର, ବାଁନୋଇ, ସାହାସପୁର, ବୋରିଗାଁ, ବେତୁଲି, ଭେଟେଶ୍ୱର ଇତ୍ୟାଦି ଗ୍ରାମର ଶତଶତ ପାଇକସେନାଙ୍କୁ ସାଥିରେ ନେଇ ଐତିହାସିକ ପଲଟଣ ପଡ଼ିଆରେ ଥିବା ବ୍ରିଟିଶ ବାହିନୀ ଉପରେ ଆକ୍ରମଣ କରି, ଖଜଣାଖାନା ଲୁଟ୍, ବାଣପୁର ଥାନାପୋଡ଼ି କରି ବ୍ରିଟିଶ୍ ବାହିନୀକୁ ଏଠାରୁ ତଡ଼ି ବାଣପୁରକୁ ବ୍ରିଟିଶ୍ ଶାସନ ମୁକ୍ତ କରି ସ୍ୱାଧୀନତା ଘୋଷଣା କରିଥିଲେ । ବିପ୍ଳବୀ କୃତିବାସଙ୍କ ଏହି ଦୁର୍ବାର ବିପ୍ଳବ ବ୍ରିଟିଶ୍ ଶାସକଙ୍କ ହୃଦକମ୍ପନ ସୃଷ୍ଟି କରି ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ଯାହା ପରାଧୀନ ଭାରତ ବର୍ଷର ଏକ ଅନନ୍ୟ ଘଟଣା କହିଲେ ଅତ୍ୟୁକ୍ତି ହେବ ନାହିଁ । ଉକ୍ତ ତିନିଦିନ ବାଣପୁର ବାସୀଙ୍କ ପାଇଁ ମୁକ୍ତି ଦିବସ ଭାବରେ ବାଣପୁର ଇତିହାସ ପୃଷ୍ଠାରେ ଲିପି ବଦ୍ଧ ହୋଇ କାଳକାଳକୁ ସ୍ମରଣୀୟ ଦିବସ ଭାବରେ ରହିଛି ଓ ରହିଥିବ ମଧ୍ୟ । ସେହି ଦେଶପ୍ରେମୀ ବୀରପୁରୁଷ ଶେଷରେ ଦେଶଦ୍ରୋହୀଙ୍କ ପ୍ରରୋଚନାରେ ବ୍ରିଟିଶ୍ ହାତରେ ଧରାପଡ଼ି ପ୍ରଥମେ ଜେଲ୍ ତାପରେ କଳାପାଣି ଦଣ୍ଡ ଭୋଗି ସୁଦୂର ଆଣ୍ଡାମାନ ଦ୍ୱୀପରେ ଥିବା ସେଲୁଲାର୍ ଜେଲ୍ ରେ ପ୍ରାଣତ୍ୟାଗ କରି ମା'ମାଟିର ସ୍ୱାଧୀନତା ପାଇଁ ବଳିଦାନ ଦେଇ ସହିଦ ହୋଇଥିଲେ । ସେହି ବୀରବିପ୍ଳବୀଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଓ 'ମୁକ୍ତି ଦିବସ ସ୍ମୃତି କମିଟି'ର ସଂପାଦକ ବାଳମୁକୁନ୍ଦ ଦାସଙ୍କ ସହିତ 'ସାହିତ୍ୟ ସିନ୍ଦୁରା'ର ଆବାହକ ଗୋଲକ ବିହାରୀ ପରିଡା, ପାଇକ କବି କୃଷ୍ଣଚନ୍ଦ୍ର ପାଠାଗାରର ସଭାପତି ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଐତିହାସିକ ଫଂଗୁଦୋଳ ଯାତ୍ରା କମିଟିର ସଂପାଦକ ମାଧବଚନ୍ଦ୍ର ବାରିକି, ସହ ସଂପାଦକ ଜୟକୃଷ୍ଣ ଦାସ, ଚିଲିକା ସାହିତ୍ୟ ସମାଜର ଉପଦେଷ୍ଟା ରବୀନ୍ଦ୍ରନାଥ ମାନସିଂ, ଶିକ୍ଷାବିତ୍ ଶିଶିର କୁମାର ଦାସ, ପତ୍ତାକୁଳିଆ କବି ବି .ଦିଗମ୍ବର, ପତ୍ରକାର ଅଶୋକ କୁମାର ପାଇକରାୟ, ପୁଷ୍ପଭୂମିର ସଂପାଦକ ବ୍ରଜକିଶୋର ଜେନା, ଅଧ୍ୟାପକ ଗୋଲକ ବିହାରୀ ସାହୁ ପ୍ରମୁଖ ସହୀଦ କୃତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ତ୍ୟାଗ ଓ ବଳିଦାନ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନବରଙ୍ଗପୁର/ଉମରକୋଟ,୦୨/୦୬ (ଆ.ପ୍ର) :ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏ.ଜି.ଆର. ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ପକ୍ଷରୁ ଯୁବପିଢ଼ି ମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଂଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଦ୍ୱାରା ଉଦଘାଟିତ ହୋଇଥିଲା । ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ଯୁବପିଢ଼ି ମାନଙ୍କ ଉପରେ ପ୍ରଭାବ ପକାଇବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ରେ ପ୍ରଥମ ପର୍ଯ୍ୟାୟରେ ତା ୦୨.୦୬.୨୫ ଠାରୁ ୦୭.୦୬.୨୦୨୫ ପର୍ଯ୍ୟନ୍ତ ତିରିଶ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଏହିଭଳି ୧୦ ଗୋଟି ଦଳ ହିସାବରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ । ପ୍ରକାଶଥାଉ କି ନବରଙ୍ଗପୁର ଜିଲ୍ଲା ର ଉମରକୋଟ ଠାରେ ପୂର୍ବତନ ଅବସର ପ୍ରାପ୍ତ ନୌସେନା ଅଧିକାରୀ ୩୪ ବର୍ଷୀୟ ଶ୍ରୀ ଜି. ଗୋଲୁ ସ୍ମିଥ, ୨୦୦୮ରୁ ୨୦୨୩ ପର୍ଯ୍ୟନ୍ତ ଭାରତୀୟ ନୌସେନା ରେ କାର୍ଯ୍ୟକରି ଅବସର ଗ୍ରହଣ କଲା ପରେ ଉମରକୋଟ ଠାରେ ନିଜସ୍ୱ ଉଦ୍ୟମରେ ଏକ ସନ୍ତରଣ ଜଳାଶୟ ପ୍ରତିଷ୍ଠା କରି ବର୍ତ୍ତମାନ ପର୍ଯ୍ୟନ୍ତ ୧୪୪ ଛାତ୍ର ଛାତ୍ରୀଙ୍କ ସନ୍ତରଣ ତାଲିମ ପ୍ରଦାନ କରିଛନ୍ତି । ଏହି ଅବସରରେ ସେନା ବାହିନୀରୁ ସଦ୍ୟ ଅବସର ଗ୍ରହଣ କରିଥିବା ସୁବେଦାର ମେଜର ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା । ପ୍ରକାଶ ଥାଉକି, ଅବସର ପ୍ରାପ୍ତ ପରେ ମଧ୍ୟ ଅପରେସନ ସିନ୍ଦୁର ନିମନ୍ତେ ସେନାବାହିନୀର ଗୁପ୍ତ ବିଭାଗ ଶ୍ରୀ ବେହେରାଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିମନ୍ତ୍ରଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ମାନ୍ୟବର ଲୋକସଭା ସାଂସଦଙ୍କ ପ୍ରତିନିଧି ରାମ ନାୟକ, ଉମରକୋଟ ପୌରପାଳିକା ଅଧ୍ୟକ୍ଷା ରାଧା ଭାତ୍ରା, ଉପଖଣ୍ଡିୟ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର ପ୍ରମୁଖଙ୍କ ସହ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଡଃ ଅହମ୍ମଦ ଅଲ୍ଲୀ, ୱାର୍ଡ ମେମ୍ବର ଶିଖାରାଣୀ ସରକାର । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରୀକାଳୀନ ଉପ ବିଭାଗର ବିଭାଗୀୟ ଉପ ଅଧିକାରୀ ତ୍ରିପତି ବାଲାଜି ସାହୁଙ୍କ ସହ ଶାରୀରିକ ପ୍ରଶିକ୍ଷକ ଶିକ୍ଷକ ଏମ. ବିଜୟ କୁମାର, ପ୍ରଭାତ କୁମାର ପଟ୍ଟନାୟକ, ବହୁମୁଖୀ ଇଂଡୋର ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁ, ସପ୍ତମ ଭାରତୀୟ ସଂରକ୍ଷଣ ବାହିନୀ ଓଡ୍ରାଫ ଦଳର ହାବିଲଦାର ମହେଶ୍ୱର କନ୍ଥି, ମଙ୍ଗରାଜ ମହାଲି, ତପନ କୁମାର ସ୍ୱାଇଁ, ବାପିନା ପ୍ରଧାନ, ଆଶିଷ କୁମାର ପାଡିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଇଂ.ଚନ୍ଦନା ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଠାକୁରାଣୀ ଯାତ୍ରା ଉପଲକ୍ଷେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲିଗୁଡା,୦୨/୦୬ (ଆ.ପ୍ର) :କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଶ୍ରୀ ଶ୍ରୀ ମା 'ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଠାକୁରାଣୀ ଯାତ୍ରା ମଇ ମାସ ୬ତାରିଖ ଠାରୁ ଆରମ୍ଭ ହୋଇଛି, ଏହା ଚଳିତ ମାସ ୬ ତାରିଖ ଦିନ ଉଦଯାପିତ ହେବ । ଯାତ୍ରା ସରିବାକୁ ଆଉ ମାତ୍ର ୪ଦିନ ବାକି ଥିବା ବେଳେ ଏହି ପରିପ୍ରେକ୍ଷୀରେ ୫ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଟାଉନର ନୀଳଗିରି ଫାର୍ମ ନିକଟସ୍ଥ ଯାତ୍ରା ପଡିଆରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ପ୍ରଥମ ଦିନରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ଜିଲା ସଭାପତି ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲିଗୁଡାର ଦୁଇ ମୁଠା ମୁଖ୍ୟ ଅରୁଣ କୁମାର ପାତ୍ର ଏବଂ ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇ ଦୀପ ଧୂପ ପ୍ରଜ୍ଜଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ପ୍ରଥମ ଦିନରେ ଭୁବନେଶ୍ୱରର ଆରଡିଏକ୍ସ ଡ୍ୟାନ୍ସ ଗ୍ରୁପ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦ ଓ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ପଶ୍ଚିମ ଓଡିଶା ସମ୍ବଲପୁର ଅଂଚଳର ରୁକସୁନା ମେଲୋଡି ପରିବେଷଣ କରି ନିଜ ନିଜର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସେପଟେ ଅଂଚଳ ବାସୀଙ୍କ ରାତ୍ରୀ କାଳୀନ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଯାତ୍ରା ଅପେରା ରଙ୍ଗ ମହଲ ଏବଂ ଟାଉନ ହଲ ନିକଟରେ ଯାତ୍ରା ଶ୍ରୀ ବିଶ୍ୱ ଦରବାର ନିଜ ନିଜର ନିୟମିତ ଅପେରା କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । ଏହି ଉତ୍ସବରେ ସମିତିର ସଭାପତି ଲଳିତ କୁମାର ପାତ୍ର, ସମ୍ପାଦକ ଶିବରାମ ପ୍ରଧାନ, ଉପ ଉପସଭାପତି ଭାନୁସେନ ବିହାରୀ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁଙ୍କ ସମେତ ସମିତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନରେ ସହଯୋଗ କରିଥିଲେ ।

ପୂର୍ବତନ ବିଡ଼ିଓ କେଦାରେଶ୍ୱର ମିଶ୍ରଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର,୦୨/୦୬ (ଆ.ପ୍ର) :ଜଗତସିଂହପୁର ବ୍ଲକର ପୂର୍ବତନ ବ୍ଲକ ଉନ୍ନୟନ ଅଧିକାରୀ କେଦାରେଶ୍ୱର ମିଶ୍ରଙ୍କ ଦ୍ୱାଦଶାହରେ ଏକ ସାମୂହିକ ଶ୍ରଦ୍ଧାଞ୍ଜଳି ସଭା ଜନ୍ମସ୍ଥାନ ଅନନ୍ତପୁର କୋଠିଆଁ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଡ଼ଭୋକେଟ ସବ୍ୟସାଚୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ତାଙ୍କ ସହକର୍ମୀ, ପଂଚାୟତବାସୀ, ପରିବାର ବର୍ଗ ଓ କେଦାରପ୍ରେମୀ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାରସ୍ୱତ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଡ଼ଃ ଦୀନବନ୍ଧୁ ଦାଶ, ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ଶିକ୍ଷାବିତ୍ ପ୍ରବୋଧ କୁମାର ରଥ,ଆଡ଼ଭୋକେଟ ଜୟନ୍ତ କୁମାର ମିଶ୍ର, ଅଧ୍ୟାପକ ପ୍ରଭାତ କୁମାର ଶତପଥୀ, ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ଅଧ୍ୟାପକ ପ୍ରତାପ ଲେଙ୍କା, ଅବସରପ୍ରାପ୍ତ ପ୍ରଶାସକ ଏକାଦଶୀ ଜେନା, ଶିକ୍ଷାବିତ ଲୋକନାଥ ବଳ, ପ୍ରଶାସିକା ପାର୍ବତୀ ଆଚାର୍ଯ୍ୟ,ରଣଜିତ ସାହୁ, ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ମହାନ୍ତି,ଅଧ୍ୟାପକ ସମ୍ବିତ ରଥ,ଦୈତାରୀ ଦାଶ, ଶିକ୍ଷାବିତ ଉମାକାନ୍ତ ଆଚାର୍ଯ୍ୟ,ପ୍ରଶାନ୍ତ କୁମାର ସାହୁ, ଦେବେନ୍ଦ୍ର ଆଚାର୍ଯ୍ୟ, ସମାଜସେବୀ ପ୍ରଦ୍ୟୁମ୍ନ ରଥ, ଶିକ୍ଷୟତ୍ରୀ ମନସ୍ୱିନୀ କର,ଦାର୍ଘେଶ୍ୱର ମିଶ୍ର, ଶିକ୍ଷୟତ୍ରୀ ମିନାକ୍ଷୀ ପଣ୍ଡା, ସୁପ୍ରଭ ସନ୍ତୋଷ ମିଶ୍ର, ସୁକନ୍ୟା ଲିପ୍ସା ମିଶ୍ର, କ୍ୱାଇଁ ବିରଂଚି ବନ୍ଦନ ଶତପଥୀ,ପୂର୍ବତନ ସରପଂଚ ଦେବେନ୍ଦ୍ର ଖଣ୍ଡୁଆଳ, ବୀରକିଶୋର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବହୁ ପଂଚାୟତର ସରପଂଚ,ବ୍ଲକ ପ୍ରତିନିଧି, ପରିବାର ସଦସ୍ୟ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କର ସ୍ମୃତିଚାରଣ କରି ଅମର ଆତ୍ମାର ସଦଗତି କାମନା କରିଥିଲେ ।

ଜିଲ୍ଲାସ୍ତରୀୟ ଖୋର୍ଦ୍ଧା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା,୦୨/୦୬ (ଆ.ପ୍ର) :ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଉପଜିଲ୍ଲାପାଳ,ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା,ଡେପୁଟି କଲେକ୍ଟର, ଜରୁରୀ, ଶ୍ରିତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଏହି ଅଭିଯୋଗ ଶିବିରକୁ ମୋଟ ୧୧୨ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯୨ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୧୧ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୪ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର, ବରହମ୍ ପୁରର ପ୍ରତିମା ବେହେରାଙ୍କୁ, ୧୦ହଜାର ତାପଙ୍ଗର ଚରଣ ଭୋଇଙ୍କୁ, ୧୫ହଜାର ଭିଓ ଖଇରୁନି, ବୋଲଗଡ଼, ଟିକିନା ଦାସଙ୍କୁ ଓ ୧୦ ହଜାର ପଦନପୁର, ବାଣପୁରର ଛାୟା କାନ୍ତ ମହାରଣାଙ୍କୁ ନେଇ ମୋଟ ୪ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେହିପରି ରେଡକ୍ରସ ପାଣ୍ଠିରୁ ୧୦ହଜାର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ଆସିଥିବା ଦରଖାସ୍ତ ଏବଂ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରର ସୁପାରିଶ ଅଭିଯୋଗ ଗୁଡ଼ିକୁ ଯୁଦ୍ଧ କାଳୀନ ଭିତିରେ ସମାଧାନ କରି ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ହିଆଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ. ଗୀତାଂଶୁ ଦାଶ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଲେନ୍ଦୁ ନାୟକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁଗ୍ରୀବା ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀମତୀ ସ୍ମିତା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଂଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଶିକ୍ଷୟତ୍ରୀ ଡକ୍ଟର ଜୟନ୍ତୀ କରଶର୍ମାଙ୍କୁ ବିଦାୟ ସମ୍ବର୍ଦ୍ଧନା



ଭଦ୍ରକ,୦୨/୦୬ (ଆ.ପ୍ର) :ଦୀର୍ଘ ବର୍ଷର କର୍ତ୍ତବ୍ୟ ପରାୟଣତା ଓ ଛାତ୍ରବତ୍ସଳତା, ବିଦ୍ୟାଳୟର ଉଭୟ ଶୈକ୍ଷିକ ଓ ସହ ଶୈକ୍ଷିକ (ସାଂସ୍କୃତିକ) ଉନ୍ନତି ଦିଗରେ ଉଦାହରଣ ସାଜିଥିବା ଶିକ୍ଷୟତ୍ରୀ ଡକ୍ଟର ଜୟନ୍ତୀ କରଶର୍ମାଙ୍କୁ ବିଦାୟ ସମ୍ବର୍ଦ୍ଧନା ଗତ ଶନିବାର ଅପରାହ୍ନ ୫ଘଟିକାରେ ଭଦ୍ରକ ଜିଲ୍ଲା ସ୍କୁଲ ପରିସରରେ ଦିଆଯାଇଛି । ଶ୍ରୀମତୀ କର ଶର୍ମା ଏକାଧାରରେ ଜଣେ ସୁଗାୟିକା, ସୁଲେଖିକା, ସଂସ୍କାରୀ, ଛାତ୍ର-ବତ୍ସଳା ହିନ୍ଦୀ ଶିକ୍ଷୟିତ୍ରୀ ଭାବରେ ବେଶ ଜଣା ଶୁଣା । ବିଦାୟକାଳୀନ ବିଚ୍ଛେଦ ଏବଂ ଅନୁପସ୍ଥିତି ଏ ଶିକ୍ଷା ନୁଷ୍ଠାନରେ ଚିର ଅନୁଭବ୍ୟ ବୋଲି ବକ୍ତା ମାନେ କହିଥିଲେ । ଏହି ଅବସରରେ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପାନରାଣୀ ବ୍ରହ୍ମା, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ମିଲି ପରୀଡା, ସୁଷମା ବେହେରା ସତ୍ୟନାରାୟଣ ମଲ୍ଲିକ, ଜିତେନ୍ଦ୍ର ନାୟକ,ସିପୁ କୁମାର ସାହୁ, ସ୍ୱର୍ଣ୍ଣ ଲତା ପ୍ରଧାନ, ଅମରେନ୍ଦ୍ର ରାଉତ ତଥା ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ତଥା ସଦସ୍ୟ ମାନଙ୍କ ଗହଣରେ ଡକ୍ଟର ଜୟନ୍ତୀ କରଶର୍ମାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

ନବବିବାହିତ ମହିଳାଙ୍କର ମୃତ୍ୟୁ ସନ୍ଦେହ ଘେରରେ ପରିବାର ଲୋକ

ଏରସମା,୦୨/୦୬ (ଆ.ପ୍ର) :ଅଭୟ ଚାନ୍ଦ ପୁର ଥାନା ଅଧିନ ଗଡକୁଜଙ୍ଗ ଗ୍ରାମରେ ଗତ ଶନିବାର ରାତ୍ରୀରେ ଏକ ଅଭାବନୀୟ ଘଟଣାରେ ନବବିବାହିତ ମହିଳା ଙ୍କର ମୃତ୍ୟୁ ହୋଇଛି । ଗଡକୁଜଙ୍ଗର ସୁବାସ ମହାନ୍ତିଙ୍କ ଝିଅ ସୋନାଲି ସୁଚିସ୍ମିତା ମହାନ୍ତି(୨୪)ଙ୍କର ସେହି ଗ୍ରାମର ଅଭିରାମ ସାହୁଙ୍କ ଏକ ମାତ୍ର ପୁଅ ଅରବିନ୍ଦ ସାହୁଙ୍କ ସହିତ ଗତ ଡିସେମ୍ବର ମାସ ଚାରି ତାରିଖରେ ବୈଦିକ ରୀତିରେ ବିଭାହ ପରିବାର ବୁଝାବଣା ହୋଇଥିଲା । ସ୍ଥାନୀୟ ଅଭୟ ଚାନ୍ଦ ପୁର ଥାନାରେ ଝିଅର ବାପା ସୁବାସ ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି ଯେ ଝିଅ ସୋନାଲିଙ୍କ ଉପରେ ତାର ଶ୍ୱଶୁର ଅଭିରାମ ସାହୁ, ଶାଶୁ ଗୀତାଞ୍ଜଳି ସାହୁ,ନଣନ୍ଦ ସୁଚିତ୍ରା ସାହୁ ଜ୍ୱାଇଁ ଅରବିନ୍ଦ ସାହୁ ଯୌତୁକ ଜନିତ ଅତ୍ୟାଚାର କରିଆସୁଥିଲେ । ଝିଅର ଶ୍ୱଶୁର ପନ୍ଦର ଲକ୍ଷ ଟଙ୍କା ଯୌତୁକ ବାବଦକୁ ଦାବି କରିଥିଲା ବେଳେ ଯୌତୁକ ଚାରିଲକ୍ଷ ଟଙ୍କା, ଝିଅ ଜ୍ୱାଇଁଙ୍କୁ ସୁନା ଅଳଙ୍କାର ଓ ବିଦ୍ୟୁତ ଘରୋଇ ଉପକରଣ ଦିଆଯାଇଥିଲା । ଝିଅ ଯୌତୁକ ବାବଦକୁ ଅବଶିଷ୍ଟ ଏଗାର ଲକ୍ଷ ଟଙ୍କା, ସୋଫା ନ ଆଣିଥିବାରୁ ଶାଶୁ, ଶ୍ୱଶୁର, ନଣନ୍ଦ ଓ ଜ୍ୱାଇଁ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେବା ସହିତ ମୋତେ ଧମକ ଦେଉଥିଲେ ଯେ ତୁମ ଝିଅକୁ ଯୌତୁକ ନ ଦେଲେ ନେଇ ଯାଓ ।ଗତ ଦୁଇ ଦିନ ତଳେ ସେହି ଯୌତୁକ ଘଟଣା କୁ ନେଇ ଝିଅ ର ଶ୍ୱଶୁର ମୋତେ ଡକାଇ ଥିଲେ, ମୋପରିସ୍ଥିତି ଭଲ ନାହିଁ ଆଠ ଦିନ ଭିତରେ ସମ୍ପୂର୍ଣ୍ଣ ଯୌତୁକ ଦେବୀ ବୋଲି କଥା ଦେଇ ଆସିଥିଲି । ଏହି ଯୌତୁକ ଘଟଣାରେ ମୋ ଝିଅ ଦୁଇ ଦିନ ଉପବାସ ରହିଥିବା ବେଳେ ଗତ ଗତ ୩୧ତାରିଖ ଦିନ ସନ୍ଧ୍ୟାରେ ମୋ ଝିଅକୁ ମାରିଦେଇ ଶୋଇବା ଘର ଖଟ ତଳେ ପକାଇ ଦେଇଛନ୍ତି । ଏ ନେଇ ଅଭୟ ଚାନ୍ଦ ପୁର ଥାନାରେ ଲିଖିତ ଅଭିଯୋଗ ପରେ ଅଭିଯୋଗକୁ ଭିତି କରି ଘଟଣା ସ୍ଥଳରେ ପୋଲିସ, ସାଇଂଟିଫିକ ଟିମ ପହଂଚି ପ୍ରାରମ୍ଭିକ ତଦନ୍ତ ପରେ ଶବକୁ କୁଜଙ୍ଗ ବେବଛେଦ ପାଇଁ ପଠାଇ ଦେଇଥିବା ବେଳେ ଜ୍ୱାଇଁ ଅରବିନ୍ଦ, ଶାଶୁଗୀତାଞ୍ଜଳି, ଶ୍ୱଶୁର ଅଭିରାମଙ୍କୁ ଗିରଫ କରିଛି । ଏକ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଦାଣ୍ଡ ଫାଟି ପଡୁଥିବା ବେଳେ ଯୌତୁକ ଜନିତ ହତ୍ୟାର ଉଚିତ ତଦନ୍ତ ହୋଇ ଦୋଷୀଙ୍କୁ ଉଚିତ ଦଣ୍ଡ ମିଳିବା ପାଇଁ ଝିଅର ବାପା ସମ୍ପର୍କୀୟ ମାନେ ଦାବି କରିଛନ୍ତି । ଅଭୟ ଚାନ୍ଦ ପୁର ଥାନା ଅଧିକାରୀ ସମୀର ରାଉତ କୁହନ୍ତି ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ଆସାମୀ ମାନଙ୍କୁ ଗିରଫ କରାଯାଇଥିବା ବେଳେ ନଣନ୍ଦ ସୁଚିତ୍ରା ସାହୁ ଫେରାର ଅଛନ୍ତି । ତଦନ୍ତ ପରେ ଆଇନ ଅନୁସାରେ ଦୋଷୀକୁ ଦଣ୍ଡ ଦିଆଯିବ । ଆଇନ ତା ବାଟରେ ଯିବ । ପୋଲିସ ଶବ ବେବଛେଦ ପାଇଁ କୁଜଙ୍ଗ ପଠାଇ ଥିବା ଜଣାପଡିଛି ।

ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ରୁକ୍ମଣୀ ବିବାହ ଉତ୍ସବ : ଲଗ୍ନ ସ୍ଥିର କଲେ ମନ୍ଦିର ଖଡ଼ିରନ୍

ଚିଲିକା/ବାଣପୁର,୦୨/୦୬ (ଆ.ପ୍ର) :ବାରମାସରେ ତେର ଉତ୍ସବର ପୀଠ ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ରୁକ୍ମିଣୀ ବିବାହ ଉତ୍ସବ ଚଳିତ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଶୁକ୍ରବାର ଜୁନ୍ ୦୬ ତାରିଖ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମହାସମାରୋହରେ ପାଳନ କରାଯିବା ପାଇଁ ମନ୍ଦିର କମିଟି ତରଫରୁ ସ୍ଥିର କରାଯାଇଛି । ଉକ୍ତଦିନ ଠାକୁରଙ୍କର ସକାଳର ସମସ୍ତ ନୀତିକାନ୍ତି ସାରି ମଧ୍ୟାହ୍ନ ଧୂପ ପରେ ଅପରାହ୍ନରେ ବେଶ ପରେ ଶିଶୁପାଳ ପରାଜୟ,ରୁକ୍ମିଣୀ ହରଣ ନୀତି, ପରେ ଦେବାଦେବୀ ନିମନ୍ତ୍ରଣ, ସୂର୍ଯ୍ୟାସ୍ତ ପରଠାରୁ ରାତ୍ର ୦୮ଘଟିକା ୪୯ ମିନିଟ୍ ମଧ୍ୟେ ମାହେନ୍ଦ୍ର ବେଳାରେ ଦେବା ଦେବୀଙ୍କ କନକ ବେଦୀରେ ବିବାହକାର୍ଯ୍ୟ ଆରମ୍ଭ ଏବଂ ପବିତ୍ର ହସ୍ତଗଣ୍ଠି ପଡ଼ିବାକୁ ମନ୍ଦିର ଖଡ଼ିରନ୍ ଶରତଚନ୍ଦ୍ର ପଣ୍ଡିତରାୟ ଲଗ୍ନସ୍ଥିର କରିଛନ୍ତି । ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବର ପିତା ଭାବରେ ଅଧ୍ୟାପକ ଦେବଦତ୍ତ ପାଣି ଓ କନ୍ୟାପିତା ଭାବରେ ବରିଷ୍ଠ ଓକିଲ ଶ୍ୟାମସୁନ୍ଦର ମିଶ୍ର ଦାୟିତ୍ୱ ବହନ କରି ବିବାହ କାର୍ଯ୍ୟ ସଂପାଦନ ଓ କମିଟିର ସଭାପତି ଦାଶରଥୀ ସାହୁ, ବରିଷ୍ଠ ସଭ୍ୟ ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର, ରବି ପ୍ରଧାନ, ସୋମନାଥ ହୋତା, ଚନ୍ଦ୍ରଶେଖର ହୋତା, ନରସିଂହ ମହାପାତ୍ରଙ୍କ ସହିତ କମିଟିର ସମସ୍ତ ସଭ୍ୟ ସଭ୍ୟା ପ୍ରମୁଖ ଏହି ମାଙ୍ଗଳିକ କାର୍ଯ୍ୟ ପରିଚାଳନା କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଜୁନ୍ ୦୭ ତାରିଖ ଶନିବାର ସଂଧ୍ୟା ୦୬ଘଟିକାରେ ବାଜା ରୋଷଣି ,ଥାଟ ପଟୁଆର ରେ ନବବିବାହିତ ଦେବଦମ୍ପତିଙ୍କ ଗୁଆଳିଯାତ୍ରା, ଶ୍ରୀ ଦକ୍ଷେଶ୍ୱରଦେବ ମନ୍ଦିରକୁ ବିଜେ, ଶିବଦର୍ଶନ, ହରିହର ଭେଟ, ପଙ୍କତି ଭୋଗଲାଗି ଶୀତଳ ମଣୋହି ପରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ପ୍ରକାଶ ।

ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡା,୦୨/୦୬ (ଆ.ପ୍ର) : ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡ,ଶ୍ରୀ ଗଣେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୫୫ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା । ୧୧ଜଣଙ୍କୁ ୧ଲକ୍ଷ ୧୮ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ । ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ

ଉନ୍ନତ ଶିକ୍ଷା ପାଇଁ ଉନ୍ନତ ପରିବେଶ ଆବଶ୍ୟକ

ଦଶପଲ୍ଲା,୦୨/୦୬ (ଆ.ପ୍ର) : ପ୍ରଥମେ ଦେଖିବା ବିକାଶର ମାନେ କଣ ? ବିକାଶର ଚିତ୍ର ଆଜି ହୋଇଛି ବାଟବେଣା । ଶିକ୍ଷାକୁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ହେଲେ ତାହା କାଗଜ କଲମରେ ବୋଧହୁଏ ସୀମିତ ହୋଇ ରହିଯାଉଛି । ଏଠି ଦେଖିବାକୁ ଗଲେ ୧୯୫୮ମସିହାରୁ ଗଠିତ ହୋଇଥିବା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦିଣ୍ଡାଭୂଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା । ଦୀର୍ଘ ୬୭ ବର୍ଷର ସ୍କୁଲ ମାତ୍ର ଏଠି ନାହିଁ ନ ଥିବା ସମସ୍ୟା । ୧୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଥିବା ବେଳେ ଛାତ୍ର ଛାତ୍ରୀଙ୍କ ସୁରକ୍ଷା ନିମିତ ଶିକ୍ଷା ବିଭାଗର କୌଣସି ନିଘା ନାହିଁ । ପିଲାଙ୍କ ପାଇଁ ଉଦିଷ୍ଟ ଶ୍ରେଣୀ ଗୃହ ଗୁଡିକର ଅବସ୍ଥା ଭଲ ନ ଥିବା ବେଳେ ଉନ୍ନତ ମାନର ଶୌଚାଳୟ ନାହିଁ । ପରିବେଶ କଥା ନ କହିଲେ ଭଲ । କାରଣ ସ୍କୁଲ ପରିସରରେ ବିଭିନ୍ନ ଛୋଟ ବଡ଼ ଗଛ ସହ ଆବର୍ଜନାରେ ପରିପୂର୍ଣ୍ଣ । ଛାତ୍ର ଛାତ୍ରୀଙ୍କ ସୁରକ୍ଷା ନିମିତ ପାଚେରୀ ମଧ୍ୟ ନାହିଁ । ବହୁତ ସମସ୍ୟା ମଧ୍ୟରେ ସ୍କୁଲ ଗେଟ ଟି ତିଆରି ହୋଇଛି ତାହା ପୁଣି ସମ୍ପୂର୍ଣ୍ଣ ହୋଇନାହିଁ ।ତେବେ ଏଠି ପ୍ରଶ୍ନ ଉଠୁଛି ଶିକ୍ଷା ବିଭାଗର ପିଲାଙ୍କ ପ୍ରତି କେତେ ଆନ୍ତରିକତା ।ତେବେ ଏଥିପାଇଁ ଦାୟୀ କିଏ ? ଶିକ୍ଷା ବିଭାଗ ନା ଅଭିଭାବକ ନା ଶିକ୍ଷକ ଶିକ୍ଷୟତ୍ରୀ ନା ସରକାର । ତେବେ କଣ ଯାକୁ କହିବ ବିକାଶ ? ଏପଟେ ସରକାର ସ୍ମାର୍ଟ ସ୍କୁଲ ର ପରିକଳ୍ପନା କରିବା ଏକ ପ୍ରକାର ହାସ୍ୟାସ୍ପଦ କଥା ବୋଲି ଅଭିଭାବକ ମହଲ ରେ ଆଲୋଚନା ହେଉଛି ।

ସେଇଥୁ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୦୩ ଜୁନ, ୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ଫାଇନାଲରେ କିଏ ମାରିବ ବାଜି !

ମୁମ୍ବାଇ,୦୨/୦୬(ନ୍ୟୁ.ଏ): ଏଥର ଆଇପିଏଲକୁ ମିଳିବ ନୂଆ ଚାମ୍ପିଅନ । ୫ ଥରର ବିଜେତା ମୁମ୍ବାଇକୁ ୫ ୱିକେଟରେ ହରାଇ ଫାଇନାଲରେ ପଞ୍ଜାବ କିଙ୍ଗସ୍ । ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଦୁଇ ସ୍ଥାନରେ ରହିଥିବା ଦଳ ପଞ୍ଜାବ କିଙ୍ଗ୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଫାଇନାଲ୍ ଖେଳିବେ । ରବିବାର ବିଳମ୍ବିତ ମଧ୍ୟରାତି ମୁକାବିଲାରେ ମୁମ୍ବାଇ ପ୍ରଥମ ବ୍ୟାଟିଂ କରି ୨୦୪ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ପଞ୍ଜାବ କିଙ୍ଗ୍ସର ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ପାଳି ବଳରେ ଗୋଟିଏ ଓଭର ପୂର୍ବରୁ ବିଜୟ ହାସଲ କରି ନେଇଥିଲା ଦଳ । ଶ୍ରେୟସ ୪୧ ବଲ୍‌ରୁ ୮୭ ରନ୍ କରିଥିଲେ । ଅଢ଼େଇ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍ ରାତି ୧.୩୮ରେ ସରିଥିଲା । ପୂର୍ବରୁ ମୋଟେରା ଷ୍ଟାଡିୟମ୍‌ରେ ରାତିରେ ଡେଙ୍କ୍ ଦେଖାଇଥିଲେ ସୂର୍ଯ୍ୟ । ଚକିତ ଉତ୍ତରେ ସୂର୍ଯ୍ୟକୁମାର ଯାଦବ ତାଙ୍କ ସମସ୍ତ ୧୬ ମ୍ୟାଚ୍‌ରେ ୨୫ରୁ ଊର୍ଦ୍ଧ୍ୱ ରନ୍‌ର ପାଳି ଖେଳିବା ସହ ରେକର୍ଡ କରିଛନ୍ତି । ପଞ୍ଜାବ କିଙ୍ଗସ୍ ଶେଷ ଥର ପାଇଁ ୨୦୧୪ରେ ଆଇପିଏଲ୍ ଫାଇନାଲ୍ ଖେଳିଥିଲା ଏବଂ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇଥିଲା । ଆଇପିଏଲ୍ ଇତିହାସରେ (ମୋଟ ୧୮ ସିଜିନ୍), ଏହା କେବଳ ଦ୍ୱିତୀୟ ଥର ପାଇଁ ଯେ ପଞ୍ଜାବ ଦଳ ପ୍ଲେଅଫ୍ ଏବଂ ଫାଇନାଲରେ ପହଂଚିଛି । ଏବେ ଟାଇଟଲ୍ ମୁକାବିଲାରେ, ଜୁନ୍ ୩ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସହିତ ପଞ୍ଜାବ କିଙ୍ଗସ୍ ମୁକାବିଲା କରିବ । ଏଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ପାଇବ ନୂଆ ଚାମ୍ପିଅନ୍ । କାରଣ ଉଭୟ ପଞ୍ଜାବ କିଙ୍ଗ୍ ଏବଂ ଆରସିବି ସେମାନଙ୍କର ପ୍ରଥମ ଆଇପିଏଲ୍ ଟାଇଟଲ୍ ପାଇଁ ଅପେକ୍ଷା କରିଛନ୍ତି । ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୦ମ ଥର ପାଇଁ ଆଇପିଏଲ୍ ପ୍ଲେଅଫ୍‌ରେ ପହଂଚିଥିଲା । କିନ୍ତୁ କେବେ ବି ଟାଇଟଲ୍ ଜିତିନଥିଲା । ଚତୁର୍ଥ ଥର ପାଇଁ ଆରସିବି ଦଳ ଆଇପିଏଲ୍ ଫାଇନାଲ୍ ଖେଳିବ । ପୂର୍ବରୁ ୨୦୦୯, ୨୦୧୧ ଏବଂ ୨୦୧୬ରେ ଡେକାନ୍ ଚାର୍ଜର୍ସ, ଚେନ୍ନାଇ ସୁପର କିଙ୍ଗ୍ ଏବଂ ସନରାଇଜର୍ସ ହାଇଦ୍ରାବାଦ ହାତରୁ ଫାଇନାଲ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆଧୁନିକ କ୍ରିକେଟ୍ କିମ୍ବଦନ୍ତୀ ବିରାଟ କୋହଲି ତାଙ୍କ ଆଇପିଏଲ୍ କ୍ୟାରିଅର ଆରମ୍ଭରୁ ଆର୍ସିବି ସହିତ ଜଡିତ ଅଛନ୍ତି ଏବଂ ସେ ତାଙ୍କର ପ୍ରଥମ ଆଇପିଏଲ୍ ଟ୍ରଫି ପାଇଁ ମଧ୍ୟ ଅପେକ୍ଷା କରିଛନ୍ତି । ୨୯ ମେରେ ଖେଳାଯାଇଥିବା କ୍ୱାଲିଫାୟର୍ -୧ ମ୍ୟାଚ୍‌ରେ ଆରସିବି ୮ ୱିକେଟରେ ପଞ୍ଜାବ କିଙ୍ଗ୍‌କୁ ପରାସ୍ତ କରି ଫାଇନାଲରେ ନିଜର ସ୍ଥାନ ନିଶ୍ଚିତ କରିଥିଲା । ଆଇପିଏଲ ୨୦୨୫ର ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସର ଦମଦାର ବିଜୟ । ପାଂଚ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଫାଇନାଲରେ ପହଁଞ୍ଚିଛି ପଞ୍ଜାବ । ଜୁନ ୩ରେ ଫାଇନାଲରେ ମୁହାଁମୁହିଁ ହେବେ ବେଙ୍ଗାଲୁରୁ ଓ ପଞ୍ଜାବ । ପରାଜୟ ସହ ମୁମ୍ବାଇର ଅଭିଯାନ ସମାପ୍ତ ହୋଇଛି । ଶ୍ରେୟସ ଆୟର ଅଧିନାୟକତ୍ୱ ଇନିଂସ ଖେଳି ନିଜ ଦଳକୁ ଫାଇନାଲରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୬ ୱିକେଟ ହରାଇ ୨୦୩ ରନ କରିଥିଲା । ଜବାବରେ ପଞ୍ଜାବ ଶ୍ରେୟସ ଆୟରଙ୍କ ବିଧ୍ୱଂସୀ ୮୭ ରନ ଓ ନେହାଲ ୱେଧେରାଙ୍କ ୪୮ ରନ ବଳରେ ମ୍ୟାଚକୁ ଜିତି ନେଇଛି । ଏଲିମିନେଟର ଜିତିବା ପରେ କ୍ୱାଲିଫାୟର-୨ରେ ମୁମ୍ବାଇର ପରାଜୟ ଧାରା ଅବ୍ୟାହତ ରହିଛି । ୨୦୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ପଞ୍ଜାବ କିଙ୍ଗସକୁ ୧୩ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା । ପ୍ରଭସିମରନ ସିଂ ୬ ରନ କରି ଆଉଟ୍ ହୋଇଥିଲେ । ଭଲ ବ୍ୟାଟିଂ କରୁଥିବା ପ୍ରିୟାଂଶ ଆର୍ଯ୍ୟ ୧୦ ବଲରୁ ୨୦ ରନ କରିଥିଲେ । କ୍ରିଜରେ ଜମି ବିସ୍ଫୋରକ ବ୍ୟାଟିଂ କରି ଜୋଶ ଇଙ୍ଗଲିଶ ୨୧ ବଲରୁ ୩୮ ରନ କରିଥିଲେ । ଏହା ପରେ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ ଅଧିନାୟକ ଶ୍ରେୟସ ଆୟର । ସେ ଏବଂ ନେହାଲ ମୁମ୍ବାଇ ବୋଲରଙ୍କୁ ପ୍ରହାର କରି ଚତୁର୍ଥ ଭାଗିଦାରୀରେ ୮୪ ରନ ଯୋଡି ଦଳର ବିଜୟ ନିଶ୍ଚିତ କରିଥିଲେ ।

ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ ମହିଳା ଦିନିକିଆ ବିଶ୍ୱକପ

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ): ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୫ । ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ICC) ପକ୍ଷରୁ ଏହି ସୂଚନା ଦିଆଯାଇଛି । ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଶ୍ୱକପ୍ ଅନୁଷ୍ଠିତ ହେବ ବୋଲି ଆଇସିସି କହିଛି । ବିଶ୍ୱକପରେ ୮ଟି ଦଳ - ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ରାଉଣ୍ଡ-ରବିନ୍ ଫର୍ମାଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ପାଂଚଟି ସ୍ଥାନରେ ମୋଟ ୨୮ ଟି ଲିଗ୍ ମ୍ୟାଚ୍ ଖେଳାଯିବ । ଏହି ୫ ଭେନ୍ୟୁ ମଧ୍ୟରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ, ଗୌହାଟୀର ଏସିଏ ଷ୍ଟାଡିୟମ, ଇନ୍ଦୋରର ହୋଲକର ଷ୍ଟାଡିୟମ, ବିଶାଖାପାଟଣାର ଏସିଏ-ଭିଡିସିଏ ଷ୍ଟାଡିୟମ ଏବଂ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ ରହିଛି । ୨୦୧୩ ପରେ ପ୍ରଥମ ଥର ପାଇଁ ଭାରତ ମହିଳା କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବାକୁ ଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁରେ ଶୁଭାରମ୍ଭ ହେବ । ଏହା ପୂର୍ବରୁ ଭାରତ ୨୦୧୬ରେ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ର ଆୟୋଜନ କରିଥିଲା । ଏହାପର ଠାରୁ କୌଣସି ମହିଳା କ୍ରିକେଟ୍ ଇଭେଣ୍ଟ ଭାରତରେ ଆୟୋଜନ ହୋଇ ନଥିଲା । ମହିଳା ବିଶ୍ୱକପ୍ ନେଇ ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି "ଗତ କିଛି ବର୍ଷ ମଧ୍ୟରେ ପ୍ରଶଂସକମାନେ ମହିଳା ଖେଳକୁ ବହୁତ ସମର୍ଥନ କରିଛନ୍ତି, ଏବଂ ମୁଁ ନିଶ୍ଚିତ ଯେ ସେମାନେ ଏହି ଆକର୍ଷଣୀୟ ଇଭେଣ୍ଟଗୁଡ଼ିକ ପାଇଁ ଯୋଜନା ଆରମ୍ଭ କରିବେ । ମହିଳା କ୍ରିକେଟ୍ ଆମର ଦୃଷ୍ଟିକୋଣର ସର୍ବାଗ୍ରେ ରହିଛି, ଏବଂ ଆମେ ନିଶ୍ଚିତ ଯେ ଏହି ଦୁଇଟି ଆଗାମୀ ଟୁର୍ଣ୍ଣାମେଣ୍ଟ କେବଳ ଆମେ ଗତ କିଛି ବର୍ଷ ମଧ୍ୟରେ ତିଆରି କରିଥିବା ଅବିଶ୍ୱସନୀୟ ଗତିକୁ ବଜାୟ ରଖିବ ନାହିଁ ବରଂ ଏହାକୁ ଆହୁରି ଉଚ୍ଚତାରେ ପହଂଚାଇବ ।" ଅକ୍ଟୋବର ୨୯ରେ ନକଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ । ପ୍ରଥମ ସେମିଫାଇନାଲ ଗୌହାଟି କିମ୍ବା କଲମ୍ବୋରେ ଖେଳାଯିବ, ତା'ପରେ ୩୦ ଅକ୍ଟୋବରରେ ବେଙ୍ଗାଲୁରୁରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ । ଫାଇନାଲ ମ୍ୟାଚ୍ ରବିବାର, ୨ ନଭେମ୍ବରରେ ଅନୁଷ୍ଠିତ ହେବ ଏବଂ ଏହା ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ । ପ୍ରଥମ ସେମିଫାଇନାଲ ଏବଂ ଫାଇନାଲ ପାଇଁ ଭେନ୍ୟୁ ପରିବର୍ତ୍ତନ ହୋଇପାରେ । ଏହା ସେହି ପର୍ଯ୍ୟାୟ ପାଇଁ ପାକିସ୍ତାନର ଯୋଗ୍ୟତା ଉପରେ ନିର୍ଭର କରିବ ।

ଆୟୁଷ୍ମାନ ଯୋଜନାରୁ ଦୂରଉଛନ୍ତି ଘରୋଇ ହସ୍ପିଟାଲ

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ): ଆୟୁଷ୍ମାନ ଭାରତ-ପିଏମ ଜନ ଆରୋଗ୍ୟ (ଏବି-ପିଏମଜେଏୱାଇ) ଯୋଜନାରେ ହସ୍ପିଟାଲ ପ୍ୟାନେଲରେ ତୀବ୍ର ହ୍ରାସ ଦେଖାଯାଉଛି । ନ୍ୟାସନାଲ ହେଲଥ୍ ଅଥରିଟି (ଏନଏଚଏ) ପକ୍ଷରୁ ଏହି ସ୍କିମର ଡ୍ୟାସବୋର୍ଡରେ ସେୟାର କରାଯାଇଥିବା ତଥ୍ୟରୁ ଜଣାପଡୁଛି ଯେ ମାତ୍ର ୪ ମାସରେ ସାରା ଦେଶରେ ଏବି-ପିଏମଜେଏୱାଇ ରେ ୪୪୩ ହସ୍ପିଟାଲ ପ୍ୟାନେଲରେ ସାମିଲ ଥିଲେ । ଏହା ପରେ ଜାନୁୟାରୀରେ ୧୬୧, ଫେବୃଆରୀରେ ୧୮୭, ମାର୍ଚ୍ଚରେ ୪୦ ଓ ଏପ୍ରିଲରେ ଆଉ ୫୫ଟି ହସ୍ପିଟାଲ ପ୍ୟାନେଲରେ ସାମିଲ ହୋଇଥିଲେ । ତେବେ ଏ ପର୍ଯ୍ୟନ୍ତ ମିଳୁଥିବା ଅପଡେଟରୁ ମେ ମାସ ୨୦ ତାରିଖ ସୁଦ୍ଧା ମାତ୍ର ଗୋଟିଏ ଘରୋଇ ହସ୍ପିଟାଲରେ ପ୍ୟାନେଲରେ ସାମିଲ ହୋଇଛି । ଏବି-ପିଏମଜେଏୱାଇରେ ସାରା ଦେଶର ୩୧,୯୧୬ଟି ହସ୍ପିଟାଲ ପ୍ୟାନେଲରେ ସାମିଲ ଅଛନ୍ତି । ଏଥିରୁ ୧୭,୪୪୦ଟି ସରକାରୀ ହସ୍ପିଟାଲ ହୋଇଥିବା ବେଳେ ୧୪,୪୭୬ଟି ଘରୋଇ ହସ୍ପିଟାଲ ଅଛନ୍ତି । ଏହି ସବୁ ହସ୍ପିଟାଲମାନଙ୍କରେ ଏ ପର୍ଯ୍ୟନ୍ତ ୮.୫୯ କୋଟି ରୋଗୀଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି । ଅନେକ ସ୍ୱାସ୍ଥ୍ୟ ସେବା ସଂଘ କହିଛନ୍ତି ଯେ ପ୍ରାଇଭେଟ ସେକ୍ଟର ଖାସ କରି ବଡ଼ କର୍ପୋରେଟ ହସ୍ପିଟାଲ ଚେନ୍ କମ୍ ପ୍ୟାକେଜ ଦର ଓ ବିଳମ୍ବରେ ପେଁଠ ଯୋଗୁ

ଯୋଜନା ପ୍ରତି ଉଦାସିନତା ମନୋଭାବ ପ୍ରଦର୍ଶନ କରୁଛନ୍ତି । ତେବେ ଏନଏଚଏର ଏବି-ପିଏମଜେୱାଇ କାର୍ଯ୍ୟକାରୀ ଏଜେନ୍ସୀ ସମ୍ପର୍କିତ ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପ୍ୟାନେଲରେ ହସ୍ପିଟାଲଙ୍କ ସାମିଲ ପ୍ରକ୍ରିୟା ଜାରି ରହିଛି ଓ ହୋଇପାରେ ନୂଆ ପ୍ୟାନେଲ ଅପଡେଟ ହୋଇ ନାହିଁ । କାରଣ ସେମାନେ ଏକ ନୂଆ ପ୍ରଣାଳୀକୁ ମାଇଗ୍ରେଟ ହେଉଛନ୍ତି । କେବଳ ପଶ୍ଚିମବଙ୍ଗକୁ ଛାଡିଦେଲେ ଦେଶର ବାକି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଉପଲବ୍ଧ ଏବି-ପିଏମଜେଏୱାଇରେ ମେଡିକାଲ ଅନକୋଲଜି (କର୍କଟ ରୋଗ ଚିକିତ୍ସା), ଜରୁରିକାଳୀନ ଦେଖରେଖ, ଅର୍ଥୋପେଡିକ ଓ ୟୁରୋଲଜି ସମେତ ଅନ୍ୟ ରୋଗର ୨ ହଜାର ପ୍ରକ୍ରିୟା ନିମନ୍ତେ ପ୍ରତି ପରିବାର ୫ଲକ୍ଷ ଟଙ୍କା ଓ ବିଶେଷ କ୍ଷେତ୍ରରେ ଏହାଠାରୁ ବି ଅଧିକ ମୂଲ୍ୟରୁ ଚିକିତ୍ସା କରାଯାଉଛି । ଏହି ଯୋଜନାରେ ସଦ୍ୟତମ ସାମିଲ ରାଜ୍ୟ ନୂଆଦିଲ୍ଲୀ ଏକ ପ୍ରତିଷ୍ଠିତ ହସ୍ପିଟାଲ ଚେନ୍ ଙ୍କ ସିଇଓ ଟାଇମ୍ସ ଅଫ ଇଣ୍ଡିଆକୁ ଏକ ସାକ୍ଷାତକାରରେ କହିଛନ୍ତି ଯେ ଏବି-ପିଏମଜେୱାଇରେ ଅଲଗା ଅଲଗା ପ୍ରକ୍ରିୟା ଲାଗି ଦିଆଯାଉଥିବା ପ୍ୟାକେଜ ଦର ସେମାନଙ୍କ ଇନପୁଟ ବ୍ୟୟଠାରୁ ଅନେକ କମ୍ । ସେ କହିଛନ୍ତି ଯଦି ପ୍ୟାକେଜ ଦର ବଢା ଯାଏ ତେବେ ଆମେ ଯୋଜନାରେ ସାମିଲ ହୋଇ ପାରିବୁ । ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ମଧ୍ୟ ଅଧିକ ଭଲ ଚିକିତ୍ସା ଯୋଗାଇ ଦେବାକୁ ପ୍ୟାକେଜ ଦର ବୃଦ୍ଧିର କଥା କହିଛନ୍ତି । ଆଇଏମଏର ଜନୈକ ପଦାଧିକାରୀ କହିଛନ୍ତି ଯେ ଏହି ଦରକୁ ଅନ୍ତତଃ ସିଜିଏଚଏସ ସ୍ତର ପର୍ଯ୍ୟନ୍ତ ବଢାଯିବା ଦରକାର । ତେବେ ଏହା ପୂର୍ବରୁ ମାର୍ଚ୍ଚ ମାସରେ ସଂସଦରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଥିଲେ ଯେ ୨୦୧୮ରୁ ଏ ପର୍ଯ୍ୟନ୍ତ ୬୦୯ ପ୍ରାଇଭେଟ ହସ୍ପିଟାଲ ଏହି ଯୋଜନାରୁ ନିଜକୁ ଦୂରେଇ ନେଇଛନ୍ତି ।

ତୁର୍କିକୁ ଏବେ ଏୟାର ଇଣ୍ଡିଆ ଝଟକା

ମୁମ୍ବାଇ,୦୨/୦୬(ନ୍ୟୁ.ଏ): ଭାରତରେ ଏବେ ବୟକଟ୍ ତୁର୍କି ଏପରି ବ୍ୟାପିଛି ଯେ ଲୋକେ ଏବେ ପ୍ରଥମେ ଦେଶ ବୋଲି କହୁଛନ୍ତି । ଏହିକ୍ରମରେ ଏୟାର ଇଣ୍ଡିଆ ଏକ ବଡ଼ ନିଷ୍ପତ୍ତି ନେଇଛି । ଟାଇମସ ଅଫ ଇଣ୍ଡିଆରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ଏବେ ଟର୍କିସ୍ ଟେକନିକ୍ ସହିତ ନିଜର କାରବାର ବନ୍ଦ କରିବାକୁ ଯାଉଛି । ଏହା ଏକ ତୁର୍କି କମ୍ପାନୀ ଓ ଗ୍ଲୋବାଲ ଏଭିଏସନ ସର୍ଭିସ ପ୍ରୋଭାଇଡର ମଧ୍ୟ । ଟର୍କିସ ଟେକନିକ୍ ଏୟାର ଇଣ୍ଡିଆର ବୋଇଂ ୭୭୭ ବିମାନର ରକ୍ଷଣାବେକ୍ଷଣ କାମ କରିଥାଏ । ଏୟାର ଇଣ୍ଡିଆ ସିଇଓ ତଥା ଏମଡି କ୍ୟାମ୍ପବେଲ ୱିଲସନ କହିଛନ୍ତି ଯେ 'ଯଦି ଏପରି ବେପାର ଜାରି ରଖିବାରେ ଯଦି କୌଣସି ଚିନ୍ତା ଥାଏ ତେବେ ଆମେ ବିକଳ୍ପର ସନ୍ଧାନ କରିବୁ' । କମ୍ପାନୀର ସିଇଓଙ୍କ ଅନୁସାରେ ଏବେ ଏହି କାମ ଅନ୍ୟ ମେଣ୍ଟେନାନ୍ସ, ରିପେୟାର ଏବଂ ଓଭରହଲ (ଏମଆରଓ) ପ୍ୟାସେଲିଟିକୁ ଦେଇଦିଆଯିବ । ଏହି ନିଷ୍ପତ୍ତି ତୁର୍କି ଓ ଭାରତ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୃଷ୍ଟିରେ ରଖି ନିଆଯାଇଛି । ଗତ ମେ ମାସରେ ତୁର୍କି ରାଷ୍ଟ୍ରପତି ପାକିସ୍ତାନର ସମର୍ଥନ କରିଥିଲେ ଓ ଭାରତର ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ । ଭାରତୀୟ ବେସାମରିକ ବିମାନ ସୁରକ୍ଷା ବ୍ୟୁରୋ (ବିସିଏଏସ୍) ମେ ୧୫ ତାରିଖରେ ତୁର୍କିର ସେଲେବି ଏୟାରପୋର୍ଟ ସର୍ଭିସେସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସୁରକ୍ଷା ମଞ୍ଜୁରୀ ରଦ୍ଦ କରିଦେଇଥିଲେ ।

କ୍ରିକେଟରୁ ସନ୍ନ୍ୟାସ ନେଲେ କ୍ଲାସେନ

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ): ଦ.ଆଫ୍ରିକାର ଷ୍ଟାର୍ ୱିକେଟ୍‌କିପର ବ୍ୟାଟ୍‌ର ହେନରିକ୍ କ୍ଲାସେନ ଇଣ୍ଟରନ୍ୟାସନାଲ୍ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି । କ୍ଲାସେନ୍ ଇନଷ୍ଟାଗ୍ରାମରେ ଏକ ଇମୋସନାଲ୍ ପୋଷ୍ଟ ସେୟାର କରି ଏହି ଘୋଷଣା କରିଛନ୍ତି । କ୍ଲାସେନ ଜାନୁଆରୀ ୨୦୨୪ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ, କିନ୍ତୁ ଦେଶ ପାଇଁ ଟି-୨୦ ଓ ଦିନିକିଆ ଇଣ୍ଟରନ୍ୟାସନାଲ୍ ଖେଳୁଥିଲେ । ଚଳିତ ବର୍ଷ ଏପ୍ରିଲରେ କ୍ରିକେଟ୍ ସାଉଥ୍ ଆଫ୍ରିକାର ସେଣ୍ଟ୍ରାଲ୍ କନଟ୍ରାକ୍ଟ ପାଇଁ ତାଙ୍କୁ ଅଣଦେଖା କରାଯାଇଥିଲା । ୩୩ ବର୍ଷୀୟ ହେନରିକ୍ କ୍ଲାସେନ ଇନଷ୍ଟାଗ୍ରାମରେ ଲେଖିଛନ୍ତି, ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ଦିନ । ଇଣ୍ଟରନ୍ୟାସନାଲ୍ କ୍ରିକେଟରୁ ନିଜକୁ ଅଲଗା କରିବା ପାଇଁ ମୁଁ ନିଷ୍ପତ୍ତି ନେଇଛି । ମୋର ଓ ମୋ ପରିବାର ପାଇଁ ସବୁଠୁ ଭଲ କଣ ତାହା ଉପରେ ନିଷ୍ପତ୍ତି ନେବା ପାଇଁ ମୋତେ ଅଧିକ ସମୟ ଲାଗିଗଲା । ଏହା ସତରେ କଠିନ ନିଷ୍ପତ୍ତି ଥିଲା, କିନ୍ତୁ ମୁଁ ଏଥିରେ ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ ଅଛି । ନିଜ ଦେଶକୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ସବୁଠୁ ସମ୍ମାନର କଥା ଥିଲା । ହେନରିକ୍ କ୍ଲାସେନ ଲେଖିଛନ୍ତି, ଦେଶ ପାଇଁ ଖେଳିବା, ମୋର ପିଲା ଦିନରୁ ମୋର ସ୍ୱପ୍ନ ଥିଲା । ମୁଁ ଏଥିପାଇଁ ପରିଶ୍ରମ କରିଥିଲି । ଏହି ସମୟରେ ମୁଁ ଅନେକ ଭଲ ବନ୍ଧୁ ଓ ସମ୍ପର୍କ ଗଢ଼ିଛି, ଯାହାଙ୍କୁ ସାରା ଜୀବନ ମୋ ସହ ରଖିବି । କ୍ରିକେଟ୍ ମୋତେ ଅନେକ ମହାନ ବ୍ୟକ୍ତିଙ୍କୁ ଭେଟିବାର ସୌଭାଗ୍ୟ ଦେଇଛି, ଯାହା ମୋର ଜୀବନ ବଦଳାଇ ଦେଇଛି । ମୁଁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ହେନରିକ୍ କ୍ଲାସେନ ୨୦୧୮ ମସିହାରେ ଭାରତ ବିପକ୍ଷରେ ଦିନିକିଆ ଓ ଟି-୨୦ ଡେବ୍ୟୁ କରିଥିଲେ । ୨୦୧୯ରେ ଭାରତ ବିପକ୍ଷରେ ହିଁ ତାଙ୍କର ଟେଷ୍ଟ ଡେବ୍ୟୁ ହୋଇଥିଲା । ହେନରିକ୍ କ୍ଲାସେନ ଦକ୍ଷିଣ ଆଫ୍ରିକା ପାଇଁ ୪ଟି ଟେଷ୍ଟ, ୬୦ ଦିନିକିଆ ଓ ୫୮ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଦିନିକିଆ କ୍ରିକେଟରେ କ୍ଲାସେନ ୨୧୪୧ ରନ୍ କରିଛନ୍ତି । ଏଥିରେ ୪ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ସାମିଲ ରହିଛି ।

ବଲୁଚିସ୍ତାନ ଅଶାନ୍ତି ପାଇଁ ଭାରତକୁ କଲା ଦାୟୀ ପାକିସ୍ତାନ



ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ): ନିଜ ଘର ସମ୍ଭାଳି ନପାରି ଅନ୍ୟର ଦୋଷ ଦେଉଛି ପାକିସ୍ତାନ । ଭାରତ ବିରୁଦ୍ଧରେ ବିଷ ଓଗାଳୁଛି ଆତଙ୍କୀସ୍ତାନ । ବଲୁଚିସ୍ତାନ ପ୍ରସଙ୍ଗ ଉଠାଇ ଭାରତ ଉପରେ ଦୋଷ ଲଦିଛନ୍ତି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିର । ଉଭୟ ଭାରତକୁ କୋଣଠେସା କରିବାକୁ ଚେଷ୍ଟା କରିଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ମୁନିର କହିଛନ୍ତି ଯେ ସେ ବଲୁଚିସ୍ତାନରେ ଆତଙ୍କବାଦୀଙ୍କୁ ଦମନ ନ କରିବା ପର୍ଯ୍ୟନ୍ତ ବିଶ୍ରାମ ନେବେ ନାହିଁ । ଶାହବାଜ କହିଛନ୍ତି ଯେ ଭାରତ ଯୋଗୁଁ ବଲୁଚିସ୍ତାନରେ ଶାନ୍ତିର ପରିବେଶ ସୃଷ୍ଟି ହେଉନାହିଁ । ମୁନିର ଏବଂ ଶାହବାଜ କ୍ୱେଟାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି । ପାକିସ୍ତାନୀ ନ୍ୟୁଜ୍ ୱେବସାଇଟ୍ 'ଡନ୍' ଅନୁଯାୟୀ, ମୁନିର କହିଛନ୍ତି, 'ପାକିସ୍ତାନୀ ସେନା ଦେଶ ଏବଂ ସାହସୀ ବଲୁଚିସ୍ତାନ ଲୋକଙ୍କ ସମର୍ଥନରେ ପ୍ରତ୍ୟେକ ଶତ୍ରୁର ମୁକାବିଲା କରିବ । ଆମେ ଆମ ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରୁଥିବା ଲୋକଙ୍କୁ ଦୂରମାର କରିବୁ । ବଲୁଚିସ୍ତାନରେ ଶାନ୍ତି ସହିତ କୌଣସି ସାଲିସ ହୋଇପାରିବ ନାହିଁ ଏବଂ ପାକିସ୍ତାନର ଭବିଷ୍ୟତ ସିଧାସଳଖ ଏକ ସ୍ଥିର, ସମୃଦ୍ଧ ବଲୁଚିସ୍ତାନ ସହିତ ଜଡିତ ।' ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଭାରତ ବିରୁଦ୍ଧରେ ଏକ ବଡ଼ ଅଭିଯୋଗ କରିଛନ୍ତି । ସେ କାର୍ଯ୍ୟକ୍ରମରେ କହିଛନ୍ତି, 'ଭାରତ ବଲୁଚିସ୍ତାନରେ ପ୍ରକ୍ସି ଚଳାଉଛି । ଏଠି ଶାନ୍ତିର ବାତାବରଣକୁ ନଷ୍ଟ କରିବାକୁ ଚାହୁଁଛି । ଏହା ପାକିସ୍ତାନକୁ ଅସ୍ଥିର କରିବାକୁ ଚାହୁଁଛି, କିନ୍ତୁ ଆମର ସେନା ପ୍ରତ୍ୟେକ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ । ପାକିସ୍ତାନର ବେଲୁଚିସ୍ତାନରେ ଦୀର୍ଘ ଦିନ ଧରି ଅସ୍ଥିରତାର ବାତାବରଣ ରହିଛି । ଦାବି କରାଯାଉଛି ଯେ ବଲୁଚି ବିଦ୍ରୋହୀମାନେ କିଛି ଗୁରୁତ୍ୱପୂର୍ଣ୍ଣ ଘାଟି କବଜା କରିଛନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ସମୟରେ ମଧ୍ୟ, ବଲୁଚି ବିଦ୍ରୋହୀମାନେ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଛନ୍ତି । ସେମାନେ ପାକିସ୍ତାନୀ ସେନା ସୈନିକଙ୍କୁ ଟାର୍ଗେଟ କରିଥିଲେ । ପାକିସ୍ତାନ ମଧ୍ୟ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଚାଲିଛି । ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଛନ୍ତି । ଏହାର ଜବାବରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରିଥିଲା, ଯେଉଁଥିରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ ।

ପ୍ରତିଶୋଧ ଲକ୍ଷ୍ୟରେ ଭ୍ଲାଦିମିର ପୁଟିନ୍ : ୟୁକ୍ରେନ ଡ୍ରୋନ୍ ହମ୍‌ଲା ପରେ ବଢ଼ିଲା ଆଶଙ୍କା

ନୂଆଦିଲ୍ଲୀ,୦୨/୦୬(ନ୍ୟୁ.ଏ): ଋଷ୍ ଉପରେ ୟୁକ୍ରେନ୍‌ର ସବୁଠୁ ବଡ଼ ଆକ୍ରମଣ । ଋଷିଆ ସାଇବେରିଆ ଏୟାରବେସରେ ଜେଲେନସ୍କି ସେନାର ଏୟାରଷ୍ଟ୍ରାଇକ୍ । ୧୧୭ଟି ଡ୍ରୋନ୍ ଜରିଆରେ ୪୦ଟି ଲଢୁଆ ଯୁଦ୍ଧ ବିମାନ ସହ ୫ ଏୟାରବେସ ସମ୍ପୂର୍ଣ୍ଣ ଧ୍ୱଂସ । ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସ୍କି । ଆକ୍ରମଣରେ ଋଷର ପ୍ରାୟ ୧୭ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ଦାବି । ପୂର୍ବ ଯୋଜନା ମୁତାବକ ଏହି ବଡ଼ ଆକ୍ରମଣ ହୋଇଥିବା କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ଅଭିଯାନରେ ବ୍ୟବହୃତ ହୋଇଥିଲା ମୋଟ ୧୧୭ ଡ୍ରୋନ । ସମାନ ରଣନୈତିକ କ୍ଷମତାର ୩୪% ଏୟାରବେସରେ ନିୟୋଜିତ କ୍ଷେପଣାସ୍ତ୍ର ବାହକମାନଙ୍କୁ କରାଯାଇଥିଲା ଟାର୍ଗେଟ । ଆଉ ଏତେ ବଡ ହମଲା ପରେ ବଢ଼ିଛି ତୃତୀୟ ବିଶ୍ୱଯୁଦ୍ଧ ଭୟ । ଯୁଦ୍ଧ ଆଶଙ୍କା ଏବେ ନୁହେଁ ୨୫୦୦ ବର୍ଷ ପୂର୍ବେ ହୋଇଥିଲା ଲେଖା । ଚୀନ୍ ଦାର୍ଶନିକଙ୍କ 'ଆର୍ଟ ଅଫ୍ ୱାର'କୁ ନେଇ ଚର୍ଚ୍ଚା । ଜୁନ୍ ୧, ୨୦୨୫ । ଋଷ ଭିତରେ ୪୦୦୦ କିଲୋମିଟର ପଶି ହମ୍‌ଲା କରିଥିଲା ୟୁକ୍ରେନ । ଆକ୍ରମଣ ଥିଲା ଋଷର ସାମରିକ ସମ୍ବଳକୁ ଦୁର୍ବଳ କରିବା । ୟୁକ୍ରେନ ଏହି ଅପରେସନର ନା ରଖିଛି ସ୍ପାଇଡରୱେବ୍ । SBU ଆକଳନ କରିଛି ଯେ ଆକ୍ରମଣରେ ୭ ବିଲିୟନ ଡଲାରର ବିପୁଳ କ୍ଷତି ସହିଛି ଋଷ । ୟୁକ୍ରେନର ଏହି କାର୍ଯ୍ୟକୁ ଦୁଃସାହାସିକ କହିଛି ପୁଟିନ୍ ସେନା । କ୍ରେମଲିନ୍ ସୂଚିତ କରିଛି ଯେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହାର

ଜବାବ ଦେବେ । ଆଶ୍ଚର୍ଯ୍ୟର ବିଷୟ ଏହି ଆକ୍ରମଣ ଜୁନ୍ ୨, ଅର୍ଥାତ୍ ଇସ୍ତାନବୁଲରେ ପ୍ରସ୍ତାବିତ ଶାନ୍ତି ଆଲୋଚନା ପୂର୍ବରୁ ହୋଇଛି । ଯାହା ଆଲୋଚନାକୁ ଆହୁରି ଜଟିଳ କରିଛି । ସାଢ଼େ ତିନି ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧର ଗତିକୁ ରୋକିବାକୁ ୟୁକ୍ରେନ ରବିବାର ନେଇଥିଲା 'ଦୁଃସାହସିକ' ପଦକ୍ଷେପ । ପୂର୍ବରୁ ଅନେକ ବାର ଚେଷ୍ଟା ପରେ ବି ମିଳିନଥିଲା ସଫଳ । ଅନ୍ୟପଟେ ୟୁକ୍ରେନିଆର ଆକ୍ରମଣ ପରେ ବଢିଛି ଯୁଦ୍ଧ ଭୟ । ୪୦ ରୁ ଅଧିକ ଜଳୁଥିବା ବିମାନ ଚିତ୍ର ଋଷିଆର ସାମରିକ ଗର୍ବକୁ ଚ୍ୟାଲେଞ୍ଜ କରିଛି । ଆଉ ଏସବୁ ଦେଖିବା ପରେ ରାଗରେ ଜର୍ଜରିତ ପୁଟିନ୍ ସେନା । ପ୍ରତି ଜବାବ୍‌ରେ କ୍ରୁଜ୍ କ୍ଷେପଣାସ୍ତ୍ର, ହାଇପରସୋନିକ୍ କ୍ଷେପଣାସ୍ତ୍ର, ଯେପରିକି କିଞ୍ଜାଲ୍ ବ୍ୟବହାର ହୋଇପାରେ । ଋଷ ପାଖରେ ୟାର୍ସ ପରମାଣୁ କ୍ଷେପଣାସ୍ତ୍ର ବି ରହିଛି । ଯାହା ଏକାଧିକ ବହୁତ ସ୍ୱାଧୀନ ଭାବରେ ଟାର୍ଗେଟେବଲ୍ ରିଏଣ୍ଟ୍ରି ଯାନ ବହନ କରିପାରେ । ଯାହା ମଧ୍ୟରୁ ପ୍ରତ୍ୟେକଟିରେ ଏକ ଥର୍ମୋନ୍ୟୁକ୍ଲିୟର ୱାରହେଡ୍ ଅଛି । ତଥାପି, ଏହି ସମୟରେ ପରମାଣୁ ଅସ୍ତ୍ର ବ୍ୟବହାର ଅସମ୍ଭବ ମନେହୁଏ । କାରଣ ଏହା ବିଶ୍ୱ ଧ୍ୱଂସର କାରଣ ହୋଇପାରେ । ଋଷର ଲକ୍ଷ୍ୟ ୟୁକ୍ରେନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷମତାକୁ ବି ଦୁର୍ବଳ କରିବା ସହ ନାଟୋ ସମର୍ଥନକୁ ବାଧା ଦେବା । ୨୫ ବର୍ଷ ଶାସନ ପୂର୍ତ୍ତି ଅବସରରେ ଭିଡିଓରେ ପୁଟିନ କରିଥିଲେ ଏମିତି କିଛି ଖୁଲାସା । କହିଥିଲେ ଆମ ନିକଟରେ ଯଥେଷ୍ଟ ସୈନ୍ୟବଳ ସହ ଅଛି ବିପୁଳ ଅସ୍ତ୍ରଶସ୍ତ୍ର । ୨୦୨୨ରେ ଋଷ ଆରମ୍ଭ କରିଥିବା କାର୍ଯ୍ୟକୁ ନିଜେ ଦେବ ପରିଣାମ । ପୁଟିନ ବର୍ତ୍ତମାନ ୟୁକ୍ରେନରେ ନାଟୋ ଦେଶଗୁଡ଼ିକର ହସ୍ତକ୍ଷେପକୁ ନେଇ କ୍ରୋଧିତ । ପୁଟିନ ପୂର୍ବରୁ କହିଛନ୍ତି ଯେ ନାଟୋର ହସ୍ତକ୍ଷେପ 'ସଭ୍ୟତାର ବିନାଶ' ଆଡ଼କୁ ହୋଇପାରେ । ମେ ୨୦୨୪ରେ, ଦିମିତ୍ରୀ ମେଦଭେଦେବ ପରମାଣୁ ଯୁଦ୍ଧ ନେଇ ଚେତାବନୀ ଦେଇଥିଲେ । ଯଦି ରୁଷ ଏହି ଆକ୍ରମଣକୁ ନାଟୋ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ବିବେଚନା କରେ, ତେବେ ପୁଟିନ ଅଦୃଶ୍ୟ ଓ ଅନାବଶ୍ୟକ କାର୍ଯ୍ୟ କରିବେ ଏହା ନିସନ୍ଦେହ । ଏଥିରୁ ସ୍ପଷ୍ଟ ଯେ କୌଣସି ମୁହୂର୍ତ୍ତରେ ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600686, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das